## ଐତିହ୍ୟ ବାଇ-ଲ' ପ୍ରତ୍ୟାହାର ଦାବିରେ କେନ୍ଦ୍ରମନ୍ତ୍ରୀଙ୍କୁ ଚିଠି

ପୁରୁଣା ଭୁବନେଶ୍ୱର,(ଡି.ଏନ୍.ଏ.): ପୁରୀ ଶ୍ରୀମନ୍ଦିର ଭଳି ଏକାମ୍ର କ୍ଷେତ୍ରରୁ ଜାତୀୟ ଐତିହ୍ୟ ପ୍ରାଧିକରଣ (ଏନ୍‌ଏମ୍‌ଏ)ର ଐତିହ୍ୟ ଉପନିୟମ(ବାଇ-ଲ) ପ୍ରତ୍ୟାହାର କରିବା ପାଇଁ ବୁଦ୍ଧିଜୀବୀ, ବିଭିନ୍ନ ସାମାଜିକ ସଙ୍ଗଠନ ଓ ସେବାୟତଙ୍କ ପକ୍ଷରୁ ଦାବି ହେଉଛି। ଏହି ଉପନିୟମ ପ୍ରତ୍ୟାହାର ଦାବିରେ ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ କେନ୍ଦ୍ର ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ପ୍ରହ୍ଲାଦ ସିଂ ପଟେଲଙ୍କୁ ଚିଠି ମାଧ୍ୟମରେ ଅନୁରୋଧ କରାଯାଇଛି। ଏହି ଉପନିୟମ ପ୍ରତ୍ୟାହାର ନ ହେଲେ ଅନନ୍ତ ବାସୁଦେବ, ବ୍ରହ୍ମେଶ୍ୱର ମନ୍ଦିର ଏବଂ ବିଭିନ୍ନ ଐତିହ୍ୟ ମନ୍ଦିର ବିକାଶ କାର୍ଯ୍ୟ ପ୍ରଭାବିତ ହେବା ଆଶଙ୍କା ରହିଛି ବୋଲି ମଞ୍ଚ ସଭାପତି ଭୀଷ୍ମ ନାରାୟଣ ନାୟକ କେନ୍ଦ୍ରମନ୍ତ୍ରୀ ପଟେଲଙ୍କୁ ଚିଠି ମାଧ୍ୟମରେ ଅବଗତ କରାଇଛନ୍ତି।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଉତ୍କଳ ଷ୍ଟୁଡେଣ୍ଟସ୍ ଆସୋସିଏଶନ ପକ୍ଷରୁ ପୁଲ୍‌ୱାମା ଶହୀଦ ଦିବସରେ ମିନି ମାରଥନ, ଉତ୍କଳ ବିଶ୍ୱବିଦ୍ୟାଳୟ ଖେଳପଡ଼ିଆ, ସକାଳ ୬ଟା।
- ଅର୍ଗାନିକ ଫେୟାର, ଦ ପ୍ରେସ କ୍ଲବ ଅଫ୍ ଓଡ଼ିଶା, ମାଷ୍ଟରକ୍ୟାଣ୍ଟିନ, ସକାଳ ୮ଟାରୁ ଅପରାହ୍ନ ୩ଟା।
- ଲୁଲୁ ସେନା ସଙ୍ଗଠନ ପକ୍ଷରୁ ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ଜୟନ୍ତୀ ଉତ୍ସବ, ଉତ୍କଳ ଦୃଷ୍ଟିହୀନ ସଂଘ ପରିସର, ସତ୍ୟନଗର, ସକାଳ ୯ଟା ୩୦।
- ବିଶ୍ୱ ଭାରତୀ ପ୍ରାକ୍ତନୀର ୪ର୍ଥ ବାର୍ଷିକ ଉତ୍ସବ, ବୁଦ୍ଧ ମନ୍ଦିର, ପୂର୍ବାହ୍ନ ୧୦ଟା।
- ୯୩.୫ ରେଡ୍ ଏଫ୍‌ଏମ୍ ପକ୍ଷରୁ କେ୯ ଲଭ୍ କାର୍ଯ୍ୟକ୍ରମ, ଏସ୍‌ପ୍ଲାନେଡ ମଲ୍, ପୂର୍ବାହ୍ନ ୧୧ଟା।
- ଆଉଟରିଚ୍ ପକ୍ଷରୁ ରେଡିଓ ଫେୟାର, ଭଞ୍ଜକଳା ମଣ୍ଡପ, ପୂର୍ବାହ୍ନ ୧୧ଟା।
- ସମାଜବାଦୀ ପାର୍ଟି ପକ୍ଷରୁ ଏନ୍‌ଏମ୍‌ଏ ବିରୋଧରେ ବିକ୍ଷୋଭ, ରାଜଭବନ ସମ୍ମୁଖ(ସର୍କିଟ ହାଉସ୍), ମଧ୍ୟାହ୍ନ ୧୨ଟା।
- ମହିଳା ଉତ୍‌ଥାନ ମଣ୍ଡଳ ପକ୍ଷରୁ ମାତୃ-ପିତୃ ଦିବସ ପାଳନ, ଯୋଗ ବେଦାନ୍ତ ଆଶ୍ରମ, ଧଉଳି, ଅପରାହ୍ନ ୩ଟା।
- ତ୍ରିଧାରା ପକ୍ଷରୁ ଗୁରୁ ଦେବୀପ୍ରସାଦ ଆୱାର୍ଡ ଫେଷ୍ଟିଭାଲ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।

**ବାଲିଅନ୍ତା**

- ୟୁଥ୍ ରେଡକ୍ରସ୍ ପକ୍ଷରୁ ସ୍ୱେଚ୍ଛାସେବୀ ତାଲିମ ଶିବିରର ଉଦ୍‌ଯାପନୀ ଉତ୍ସବ, ଜବାହରଲାଲ ନେହେରୁ ହାଇସ୍କୁଲ, ବାଲିଅନ୍ତା, ପୂର୍ବାହ୍ନ ୧୦ଟା ୩୦।
- ପାଣ୍ଡରା ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଯାପନୀ ଉତ୍ସବ, ପାଣ୍ଡରା ଶ୍ରୀଜଗନ୍ନାଥ ମନ୍ଦିର କ୍ରିକେଟ ପଡ଼ିଆ, ଅପରାହ୍ନ ୪ଟା।
- ଶ୍ରୀରାମ ଚରିତ ମାନସ ପଠନ ଓ ପ୍ରବଚନ କାର୍ଯ୍ୟକ୍ରମ, ବଙ୍ଗୁଆରୀ, ଶ୍ରୀ ରାଧାବଲ୍ଲଭ ମଠ, ସନ୍ଧ୍ୟା ୭ଟା ୩୦।

**କଣ୍ଟାପଡ଼ା**

- ଆମ ଅଧିକାର ସଙ୍ଗଠନ ପକ୍ଷରୁ ପୁଲ୍‌ୱାମା ଶହୀଦ ଯବାନଙ୍କ ଶ୍ରାଦ୍ଧବାର୍ଷିକୀରେ ରକ୍ତଦାନ ଶିବିର, ସାଇଲୋ, ବଡ଼ବିଲ, ପୂର୍ବାହ୍ନ ୧୦ଟା।

# ଆଜି ଭାଲେଣ୍ଟାଇନ୍ସ ଡେ

ଭୁବନେଶ୍ୱର, ୧୩।୨(ବ୍ୟୁରୋ)

ପ୍ରେମର ପରିଭାଷାକୁ ପରିପ୍ରକାଶ କରିବା ପାଇଁ ପାଳନ ହେଉଛି ଭାଲେଣ୍ଟାଇନ୍ସ ଡେ। ଫେବୃୟାରୀ ୭ ରୋଜ୍ ଡେରୁ ଆରମ୍ଭ ହୋଇଥିବା ସପ୍ତାହର ଅନ୍ତିମ ଦିନ ପ୍ରେମ ଦିବସ। ରବିବାର ଏହାକୁ ସ୍ୱତନ୍ତ୍ରଭାବେ ପାଳନ କରିବା ପାଇଁ ପ୍ରେମୀଯୁଗଳ ପୁରା ପ୍ରସ୍ତୁତ। ରାଜଧାନୀରେ ପ୍ରେମୀଯୁଗଳଙ୍କ ମଧ୍ୟରେ ଉତ୍ସାହ ଓ ଉଦ୍ଦୀପନା ରହିଥିବା ଦେଖିବାକୁ ମିଳିଛି। ପ୍ରେମ ସପ୍ତାହକୁ ପାଳନ କରି ଅନେକ ଅଭୁଲା ଓ ସ୍ମରଣୀୟ ମୁହୂର୍ତ୍ତ ସାଉଁଟିଥିବା ପ୍ରେମୀଯୁଗଳ ଭାଲେଣ୍ଟାଇନ୍ସ ଡେକୁ କିପରି ପାଳନ କରିବେ ସେଥିପାଇଁ ପ୍ରସ୍ତୁତି କରିଦେଇଛନ୍ତି। କିଏ ଲଙ୍ଗ୍ ଡ୍ରାଇଭ୍‌ରେ ଯିବାକୁ ପ୍ଲାନ୍ କରିଛି ତ' ଆଉ କେତେଜଣ ସରପ୍ରାଇଜ ଡେଟ୍ ପାଇଁ ପ୍ରସ୍ତୁତ ହୋଇଛନ୍ତି। ତେବେ ପୂର୍ବରୁ ପ୍ରେମୀଯୁଗଳ ପାର୍କ, ସିନେମା ହଲ୍, ରେଷ୍ଟୁରାଣ୍ଟରେ ଭାଲେଣ୍ଟାଇନ୍ସ ଡେ ପାଳନ କରୁଥିଲେ। କିନ୍ତୁ ଏବେ ଆଉ ସେମିତି ହେଉନାହିଁ। କେତେକ ସଙ୍ଗଠନର ବିରୋଧ ଯୋଗୁ ପ୍ରେମୀଯୁଗଳମାନେ ସହରର ବହୁ ଦୂରକୁ ଚାଲିଯାଉଛନ୍ତି। ଅସାମାଜିକ ତଥା ପରିବାର ଲୋକଙ୍କ ନଜରୁ ହଟିବା ପାଇଁ ଦୂରକୁ ଯାଇ ନିରୋଳାସ୍ଥାନରେ ଏହି ଦିବସକୁ ପାଳନ କରୁଛନ୍ତି। ସହର ଉପକଣ୍ଠରେ ଥିବା ପିକ୍‌ନିକ୍ ସ୍ପଟ୍, ପର୍ଯ୍ୟଟନ ସ୍ଥଳୀ, ସମୁଦ୍ରକୂଳ ଭଳି ସ୍ଥାନରେ ସମୟ ଅତିବାହିତ କରୁଛନ୍ତି। ଗତ ବର୍ଷ ଭାଲେଣ୍ଟାଇନ୍ସ ଦିବସକୁ ପୁଲ୍‌ୱାମାରେ ଶହୀଦ ଯବାନଙ୍କ ସ୍ମୃତିରେ ଉତ୍ସର୍ଗ କରାଯାଇ ଯୁବପିଢ଼ିଙ୍କୁ ବିଭିନ୍ନ ସଂଗଠନ ପକ୍ଷରୁ ସଚେତନ କରାଯାଉଥିବା ଦେଖିବାକୁ ମିଳିଥିଲା।

ଭାଲେଣ୍ଟାଇନ୍ସ ଡେ ପୂର୍ବରୁ ଏକ ସପ୍ତାହ ବ୍ୟାପୀ ବିଭିନ୍ନ ଦିବସ ଭାବେ ପାଳନ କରାଯାଏ। ଯଦିଓ ସେହି ସପ୍ତାହରେ



ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

## ପ୍ରସ୍ତୁତ ପ୍ରେମୀଯୁଗଳ

ରୋଜ୍ ଡେ ପାଳନ ହୋଇଥାଏ, ତଥାପି ଭାଲେଣ୍ଟାଇନ୍ସ ଡେ ରେ ଗୋଲାପ ଫୁଲର ସେହିଭଳି ଡିମାଣ୍ଡ ରହିଥାଏ। ରବିବାର ଭାଲେଣ୍ଟାଇନ୍ସ ଡେ ଥିବାରୁ ଶନିବାରଠାରୁ ଫୁଲ ଦୋକାନରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଚାହିଦାକୁ ଦେଖି ବ୍ୟବସାୟୀମାନେ ମଧ୍ୟ ଚଢ଼ା ଦରରେ ବିକ୍ରି କରିଛନ୍ତି। ଗୋଟେ ଗୋଲାପର ଦାମ୍ ୨୦ରୁ ଆରମ୍ଭ ହୋଇ ୫୦ଟଙ୍କା ପର୍ଯ୍ୟନ୍ତ ରହିଛି।

ଭାଲେଣ୍ଟାଇନ୍ସ ଡେକୁ କେବଳ ପ୍ରେମୀଯୁଗଳ ପାଳନ କରନ୍ତି, ତାହା ନୁହେଁ। ଅନେକ ସଂସ୍ଥା ଏହି ଦିବସକୁ ଭିନ୍ନ ଉପାୟରେ ପାଳନ କରିଥାନ୍ତି। ଆଉ ଏପରି ପାଳନ କରନ୍ତି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଦିଅନ୍ତି। କିଛି ସଂସ୍ଥା ଜରାଶ୍ରମ ଯାଇଥିବା ବେଳେ ଆଉ କିଛି ସଂସ୍ଥା ଅନାଥାଶ୍ରମ ଯାଇ ସେଠାରେ ଥିବା ଅନ୍ତେବାସୀଙ୍କ ସହ ସମୟ ବିତାଇଥାନ୍ତି। ବିଶେଷ କରି ରାଜଧାନୀ ଭୁବନେଶ୍ୱର, କଟକରେ ଏଭଳି ପ୍ରେମ ଦିବସ ପାଳନ ହେଉଥିବା ଦୀର୍ଘବର୍ଷ ହେବ ନଜରକୁ ଆସିଛି। ସେହିପରି ଆଉ କେହି କିଡ୍‌ନୀ, ଆଖି, ଶରୀର ଦାନ ଭଳି ମହତ କାର୍ଯ୍ୟ କରି ପ୍ରେମ ଦିବସକୁ ସାର୍ଥକ କରିଥାନ୍ତି।

## ରାଜଧାନୀରେ ୩୦୦ ବାହାଘର

ଭୁବନେଶ୍ୱର,୧୩।୨(ବ୍ୟୁରୋ) - ଭାଲେଣ୍ଟାଇନ ଡେ'ରେ ରାଜଧାନୀର ସମସ୍ତ ପାର୍କ, ଶପିଂ ମଲ ଓ ପ୍ରେକ୍ଷାଳୟ ଖୋଲା ରହିବ। ଏଥିସହ ବିଭିନ୍ନ ଥାନାଞ୍ଚଳରେ ୩ଶହରୁ ଊର୍ଦ୍ଧ୍ୱ ବାହାଘର ହେବ। ତେଣୁ ସମସ୍ତେ ସମ୍ବିଧାନର ମୂଲ୍ୟବୋଧକୁ ସମ୍ମାନ ଦେବା ସହ କୌଣସି ସ୍ଥାନରେ ଗହଳି ନ କରି କୋଭିଡ୍ ଗାଇଡଲାଇନକୁ ପାଳନ କରିବାକୁ ଭୁବନେଶ୍ୱର ଡିସିପି ଉମାଶଙ୍କର ଦାସ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, ସୁରକ୍ଷା ଦୃଷ୍ଟି କୋଣରୁ ପାର୍କ, ମଲ୍‌ଠାରୁ ଆରମ୍ଭ କରି ବିଭିନ୍ନ ଛକରେ ୨୫ ପ୍ଲାଟୁନରୁ ଊର୍ଦ୍ଧ୍ୱ ପୋଲିସ ଫୋର୍ସ ମୁତୟନ ରହିବେ। କେହି ବିଶୃଙ୍ଖଳା କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଭୁବନେଶ୍ୱର ରନ୍‌ୱେ ୱିକ,କର୍ପୋରେଟ ଆଇକନ୍ ଆୱାର୍ଡ



ଭୁବନେଶ୍ୱର,୧୩।୨

ପ୍ରିଲ୍ୟୁଡ୍, ଆକ୍‌ଡିକ୍ସନ ଏବଂ ଫ୍ୟାଶନ ମ୍ୟାନେଜ୍‌ମେଣ୍ଟ ସହଯୋଗରେ ଭୁବନେଶ୍ୱର ରନ୍‌ୱେ ୱିକ୍‌ର ଚତୁର୍ଥ ସଂସ୍କରଣ ଓ କର୍ପୋରେଟ୍ ଆଇକନ୍ ଆୱାର୍ଡ଼ର ଦ୍ୱିତୀୟ ସଂସ୍କରଣ ଶୁକ୍ରବାର ସ୍ଥାନୀୟ ଗଲ୍ଫ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୬ଜଣ ପୋଷାକ ଓ ଜଣେ ଗହଣା ଡିଜାଇନର ନିଜ ଡିଜାଇନ୍ ପ୍ରଦର୍ଶନ କରିଥିଲେ। ରନ୍‌ୱେ ୱିକ୍‌ର ନିର୍ଦ୍ଦେଶକ ଜନ୍ ଅଜୟଙ୍କ ନିର୍ଦ୍ଦେଶନାରେ ପାରୁଲ୍ ଖଇତାନ୍ ଲେବେଲ୍‌ର ଡିଜାଇନର ପାରୁଲ୍ ଖଇତାନ ଛୋଟ ପିଲାଙ୍କ ନିମନ୍ତେ ଡ୍ରେସ୍ ଡିଜାଇନ ପ୍ରଦର୍ଶନ କରିଥିଲେ। ଲେବେଲ୍ ଋତୁପର୍ଣ୍ଣା ବ୍ରାଣ୍ଡର ଡିଜାଇନର ମନିଷା ଋତୁପର୍ଣ୍ଣା 'ତକ୍ଷ୍ୟଶୀଳା' ଓ ଜୁବିସ୍ ଡିଜାଇନର ହାଉସ୍‌ର ଜୁବିନା ଅଲ୍ଲୀ 'ନଜାକତ୍ ୨୦୨୧' ପ୍ରଦର୍ଶନ କରିଥିଲେ। ଫେଶନ ଫିଟ୍‌ର ଡିଜାଇନର ଶେଫାଳୀ ଉଦ୍‌ଗତାଙ୍କ ଦ୍ୱାରା ପ୍ରସ୍ତୁତ ଓଡ଼ିଶା ହ୍ୟାଣ୍ଡଲୁ୍ୟମ୍ ଓ ୱେଷ୍ଟର୍ଣ୍ଣ ସଂସ୍କୃତିର ଝଲକ ଦେଖିବାକୁ ମିଳିଥିଲା। ପୋସ୍ ଆଫାୟାର୍ସର ଡିଜାଇନର ରୋଶନ ଓ ଧିନେନ୍ଦ୍ରଙ୍କ ଦ୍ୱାରା 'ଲେବେଲ୍ ପୋସ୍ ଆଫାୟାରାର୍ସ' ଡିଜାଇନ ଶୋକେସ୍ କରାଯାଇଥିଲା। ଇନାୟା ଜୁଏଲ୍‌ର ଡିଜାଇନର କୋମଲ୍ ଖଣ୍ଡେଲୱାଲ୍‌ଙ୍କ ଦ୍ୱାରା ଅଳଙ୍କାର ଡିଜାଇନ 'ଇନାୟା' ଭିନ୍ନଆକର୍ଷଣ ଥିଲା। ଶେଷରେ ଆଇଏନ୍‌ଆଇଏଫ୍‌ଡି ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ଡ୍ରେସ୍ ଡିଜାଇ ପ୍ରଦର୍ଶନ କରାଯାଇଥିଲା।

# ରାସ୍ତାରେ ବିସ୍ଫୋରଣ, ଖେଳିଗଲା ଆତଙ୍କ

ଭୁବନେଶ୍ୱର,୧୩।୨(ବ୍ୟୁରୋ)

କଟକ ରୋଡ୍‌ର ବୁଦ୍ଧେଶ୍ୱରୀ ମନ୍ଦିର ନିକଟ ରାସ୍ତାରେ ଶନିବାର ସନ୍ଧ୍ୟାରେ ହଠାତ୍ ପ୍ରଚଣ୍ଡ ଶବ୍ଦ ହୋଇଥିଲା। ଏକ କାର୍ ଚକା ତଳୁ ବିସ୍ଫୋରଣ ହେବା ସହ ଧୂଆଁ ବାହାରିଥିଲା। ଆଖପାଖର କିଛି ଦୂରକୁ ସୁତୁଲି, ଗୋଡ଼ି ଆଦି ଛିଟିକି ପଡିଥିଲା। ଲୋକେ ବୋମା ଫୁଟିଲା ଭାବି ଭୟରେ ଆତଙ୍କିତ ହୋଇପଡିଥିଲେ। ହେଲେ କାର୍ ନିକଟରେ ବୋମା ଭଳି ଦିଶୁଥିବା ଆଉ ଗୋଟିଏ ପଡ଼ିଥିବା ଦେଖି ଭୟରେ ଦୌଡ଼ିଥିଲେ। କିଏ ଗାଡ଼ିରୁ ଓହ୍ଲାଇ ପଡ଼ିଥିଲେ ତ ଆଉ କିଏ ଗାଡ଼ି ସହ ଅଟକି ଯାଇଥିଲେ। ଫଳରେ ଟ୍ରାଫିକ୍ ଜାମ୍ ସୃଷ୍ଟି ହୋଇଥିଲା। ଖବର ପାଇ ଲକ୍ଷ୍ମୀସାଗର ଥାନା ପିସିଆର୍ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପଡ଼ିଥିବା ବୋମା ସଦୃଶ ଜିନିଷକୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲା। ସିସିଟିଭି ଯାଞ୍ଚ ସହ ତଦନ୍ତ ଆରମ୍ଭ କରିଥିଲା। ଏଥିସହ ଗାଡ଼ି ଚଳାଚଳକୁ ସ୍ୱାଭାବିକ କରାଯାଇଥିଲା। ଏ ସମ୍ପର୍କରେ ଥାନା ଅଧିକାରୀ ଭରତ କୁମାର ସାହୁ କହିଛନ୍ତି, ତାହା ବୋମା ନୁହେଁ, ସୁତୁଲି ବାଣ। କେହି ବିବାହ ଉତ୍ସବ ପାଇଁ ନେବାବେଳେ ଦୁଇଟି ସୁତୁଲି ବାଣ ସେଠାରେ ଭୁଲ୍ ବଶତଃ ଖସି ପଡିଥାଇପାରେ। ତାହା ଉପରେ କାର୍ ଚକ ଚଢ଼ି ଯିବାରୁ ବିସ୍ଫୋରଣ ହୋଇଛି। ଏଥିରେ କାହାର କିଛି କ୍ଷତି ହୋଇନାହିଁ। ତେବେ ସିସିଟିଭି ଫୁଟେଜକୁ ଆଧାର କରି ପୋଲିସ ଘଟଣାର ତଦନ୍ତ କରୁଛି। କେହି ସେଠାରେ ଫିଙ୍ଗିଥିଲେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ବିଶ୍ୱସ୍ତରୀୟ ବିତର୍କ ପ୍ରତିଯୋଗିତା

ଭୁବନେଶ୍ୱର, ୧୩।୨(ବ୍ୟୁରୋ)

ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲ ପକ୍ଷରୁ ଶୁକ୍ରବାର ବିଶ୍ୱସ୍ତରୀୟ ବିତର୍କ ପ୍ରତିଯୋଗିତା (ସାଇ ଗ୍ଲୋବାଲ୍ ଡିବେଟ୍) ଶନିବାର ଅନୁଷ୍ଠିତ ହୋଇଯାଇଛି। ଅନ୍‌ଲାଇନ୍‌ରେ ଆୟୋଜିତ ଏହି ପ୍ରତିଯୋଗିତାରେ ଅଷ୍ଟ୍ରେଲିଆ, କେନିୟା, ନାମ୍ବିଆ, ନ୍ୟୁଜିଲାଣ୍ଡ, ପାକିସ୍ତାନ, ଦକ୍ଷିଣ ଆଫ୍ରିକା, ତାଞ୍ଜାନିଆ, ଥାଇଲାଣ୍ଡ, ତୁର୍କୀ, ଶ୍ରୀଲଙ୍କା ଓ ଭାରତ ଆଦି ୧୧ ଦେଶର ୪୪ଟିବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ମୁଖ୍ୟଅତିଥି ଭାବେ ବ୍ରିଟିଶ୍ କାଉନ୍‌ସିଲ୍‌ର ପୂର୍ବ ଓ ଉତ୍ତର ଭାରତର ନିର୍ଦ୍ଦେଶକ ଡ. ଦେବାଞ୍ଜନ ଚକ୍ରବର୍ତ୍ତୀ, ସମ୍ମାନିତ ଅତିଥି ଭାବେ ବ୍ରିଟିଶ୍ ହାଇକମିଶନର କୋଲକାତାର




## ୧୧ ଦେଶର ଛାତ୍ରୀଛାତ୍ରଙ୍କ ଅଂଶଗ୍ରହଣ

ନିକ୍ ଲୋ ଏବଂ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ୍‌ର ପ୍ରତିଷ୍ଠାତା ବିଜୟ କୁମାର ସାହୁ ଯୋଗଦେଇଥିଲେ। ଜଗତୀକରଣ ଏକ ସୁଯୋଗ ନା ବିପଦ, ବଞ୍ଚିବା ପାଇଁ କ'ଣ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ, ଛାତ୍ରୀଛାତ୍ରଙ୍କ ଉପରେ ସାମାଜିକ ଗଣମାଧ୍ୟମର ପ୍ରଭାବ, ମାନବ ଜଗତ କ'ଣ ପ୍ରକୃତିକୁ ରକ୍ଷା କରିପାରିବ, ଟେକ୍ନୋଲୋଜି ବ୍ୟବହାର କରୁଛନ୍ତି କି, ରୋବର୍ଟ କ'ଣ ଲୋକଙ୍କର ଜୀବନଶୈଳୀର ମାନକୁ ବୃଦ୍ଧି କରିପାରିବ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଏହି ବିତର୍କ ପ୍ରତିଯୋଗିତାରେ ଅନ୍ତର୍ଭୁକ୍ତ କରାଯାଇଥିଲା। ତିନୋଟି ରାଉଣ୍ଡ ମାଧ୍ୟମରେ ବିଭିନ୍ନ ମାନଦଣ୍ଡକୁ ବିଚାରକୁ ନିଆଯାଇ ବିଜେତା ଘୋଷଣା କରାଯାଇଥିଲା।

# ଅନୁପ ଜଲୋଟାଙ୍କୁ ଜୀବନବ୍ୟାପୀ ସାଧନା ପୁରସ୍କାର

ଭୁବନେଶ୍ୱର, ୧୩।୨(ବ୍ୟୁରୋ)

ତ୍ରିଧାରା ପକ୍ଷରୁ ୧୪ତମ ଗୁରୁ ଦେବପ୍ରସାଦ ପୁରସ୍କାର ଉତ୍ସବ ଶନିବାର ରବୀନ୍ଦ୍ର ମଣ୍ଡପଠାରେ ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ କ୍ଷେତ୍ରରେ ସ୍ୱତନ୍ତ୍ର ଅବଦାନ ପାଇଁ ଭଜନ ସମ୍ରାଟ ପଦ୍ମଶ୍ରୀ ପଣ୍ଡିତ ଅନୁପ ଜଲୋଟାଙ୍କୁ 'ଜୀବନବ୍ୟାପୀ ସାଧନା ପୁରସ୍କାର' ପ୍ରଦାନ କରାଯାଇଛି।

ତ୍ରିଧାରାର ବରିଷ୍ଠ ନୃତ୍ୟଶିଳ୍ପୀଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ନାଟିକା 'ସଂକ୍ଷିପ୍ତ ରାମାୟଣ'ରୁ ଆରମ୍ଭ ହୋଇଥିଲା ଉତ୍ସବର ଉଦ୍‌ଘାଟନୀ ସନ୍ଧ୍ୟା। ସଂରଚନା କରିଥିଲେ ଗୁରୁ ଗଜେନ୍ଦ୍ର କୁମାର ପଣ୍ଡା ଓ ଏହାର ସଙ୍ଗୀତ ସଂଯୋଜନା କରିଥିଲେ ଗୁରୁ ପଣ୍ଡିତ ହରମୋହନ ଖୁଣ୍ଟିଆ। ସନ୍ଧ୍ୟାର ଦ୍ୱିତୀୟ ଉପସ୍ଥାପନା ଥିଲା ଭଜନ ସମ୍ରାଟ ପଦ୍ମଶ୍ରୀ ପଣ୍ଡିତ ଅନୁପ ଜଲୋଟାଙ୍କ ଦ୍ୱାରା ଭଜନ ଓ ଗଜଲ ପରିବେଷଣ। ତବଲାରେ ପଣ୍ଡିତ ପ୍ରସନ୍ନଜିତ୍ ପୋଦ୍ଦାର, ବଂଶୀରେ ପ୍ରଫେସର ଜବାହର ମିଶ୍ର, ସାରଙ୍ଗିରେ ପଣ୍ଡିତ ରାମଲାଲ ମିଶ୍ର, କିବୋର୍ଡରେ କୌଶିକ୍ ମୁଖାର୍ଜୀ ଓ ଗିଟାରରେ ଅରିନ୍ଦମ୍ ଘୋଷ ସହଯୋଗ କରିଥିଲେ।

ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବେ ଭାରତ ସରକାରଙ୍କ ପୂର୍ବତନ ପ୍ରଶାସନିକ ଅଧିକାରୀ ସୁରେଶ ଚନ୍ଦ୍ର ପଣ୍ଡା, ପ୍ରମୁଖ ଆୟକର କମିଶନର ଧୀରେନ୍ଦ୍ର କୁମାର ମିଶ୍ର, ଲୋକ ସେବକ ମଣ୍ଡଳର ସଚିବ ନିରଞ୍ଜନ ରଥ, ଟିମ୍ ଆଡ୍ ମାର୍କର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ନିଶିକାନ୍ତ ମିଶ୍ର, କାଦମ୍ବିନୀ ପତ୍ରିକାର ସମ୍ପାଦକ ଇତି ସାମନ୍ତ, ତ୍ରିଧାରାର କାର୍ଯ୍ୟକାରୀ ସମ୍ପାଦକ ସୀମାଞ୍ଚଳ ପଣ୍ଡା ଏବଂ ନିର୍ଦ୍ଦେଶକ ଗୁରୁ ଗଜେନ୍ଦ୍ର କୁମାର ପଣ୍ଡା ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଶ୍ରୀନିବାସ ଘଟୁଆରୀ ସଞ୍ଚାଳନା କରିଥିଲେ। ଏହା ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ।



ପଦ୍ମଶ୍ରୀ ପଣ୍ଡିତ ଅନୁପ ଜଲୋଟାଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

## ଗୁରୁ ଦେବପ୍ରସାଦ ପୁରସ୍କାର ଉତ୍ସବ ଆରମ୍ଭ

# ରୁକୁଣା ରଥ ପାଇଁ ଖପୁରିଆରେ ପହଞ୍ଚିଲା କାଠ

ପୁରୁଣାଭୁବନେଶ୍ୱର,୧୩।୨(ଡି.ଏନ୍.ଏ.): ଚଳିତବର୍ଷ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ନେଇ ମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ରଥ ନିର୍ମାଣ ପାଇଁ ନୟାଗଡ଼ ବନଖଣ୍ଡ ଅଧୀନ ଖଣ୍ଡପଡ଼ା ବନାଞ୍ଚଳରୁ ପ୍ରଥମ ପର୍ଯ୍ୟାୟ କାଠ ଶନିବାର ସନ୍ଧ୍ୟାରେ କଟକ ଖପୁରିଆ ସ' ମିଲରେ ପହଞ୍ଚିଛି। ସେହିପରି ଶ୍ରୀଲିଙ୍ଗରାଜଙ୍କ ବର୍ଷ ତମାମ ଯାନିଯାତ୍ରାରେ ବ୍ୟବହୃତ ହେଉଥିବା ବିମାନ ଓ ପାଲିଙ୍କି ନୂତନ କାଠରେ ନିର୍ମାଣ ହେବ। ଏହି ଉପକରଣ ଦ୍ୱୟକୁ ମନ୍ଦିର ପ୍ରଶାସନ ଶାଗୁଆନ କାଠରେ ନିର୍ମାଣ କରିବାକୁ ପ୍ରସ୍ତୁତି ଆରମ୍ଭ କରିବା ସହ କାଠ ଖପୁରିଆ ସ' ମିଲରେ ପହଞ୍ଚିଛି। ଏନେଇ ବରିଷ୍ଠ ସେବାୟତ କାଶୀନାଥ ପୂଜାପଣ୍ଡା କ୍ଷୋଭ ପ୍ରକାଶ କରି କହିଛନ୍ତି, ପ୍ରାୟ ୧୦୦ବର୍ଷ ଧରି ରହିଥିବା ଏହି ବିମାନ ଓ ପାଲିଙ୍କି ଶିଶୁ କାଠରେ ନିର୍ମିତ। ଏସବୁକୁ ଶାଗୁଆନ କାଠରେ ନିର୍ମାଣକୁ ନେଇ ସେ ଅସନ୍ତୋଷ ପ୍ରକାଶକରିଛନ୍ତି। ବଡୁ ନିଯୋଗ ସମ୍ପାଦକ କମଳାକାନ୍ତ ବଡୁ କହିଛନ୍ତି, ଶିଶୁ କାଠରେ ପାଲିଙ୍କି ଓ ବିମାନ ନିର୍ମାଣ ଲାଗି ମନ୍ଦିର ପ୍ରଶାସନକୁ ଅନୁରୋଧ କରାଯାଇଛି।

# ବିହନ ପିଣ୍ଡୁଳାରେ ପ୍ରକୃତିକୁ ଭଲ ପାଇବାର ବାର୍ତ୍ତା




ପୁରୁଣାଭୁବନେଶ୍ୱର,୧୩।୨(ଡି.ଏନ୍.ଏ.): ପୋଖରୀପୁଟସ୍ଥିତ ଇନ୍ଦ୍ରପ୍ରସ୍ଥ କଲୋନୀ ଫେଜ୍-୨ରେ ରହୁଥିବା ପରିବେଶବିତ୍ ସୁଶାନ୍ତ ସାହୁ ବିହନ ପିଣ୍ଡୁଳାରେ ବୃକ୍ଷ ତିଆରି କରି ଆସ ଆମେ ପ୍ରକୃତିକୁ ପ୍ରେମ କରିବାର ବଳିଷ୍ଠ ବାର୍ତ୍ତା ପ୍ରଦାନ କରିଛନ୍ତି। ବିହନ ପେଣ୍ଡୁ ତଥା ସିଡ୍‌ବଲ୍‌କୁ ନିକ୍ଷେପଣ କରାଯାଇ ପତିତ ଜମିରେ କିଭଳି ବନୀକରଣ ସମ୍ଭବ ଓ ସହଜ ହୋଇପାରିଥାଏ ସେନେଇ ସୁଶାନ୍ତ ଏପରି ଜନସଚେତନତା ସୃଷ୍ଟି କରିଛନ୍ତି। ଭାଲେଣ୍ଟାଇନ୍ସ ଡେ'ରେ ପ୍ରେମୀଯୁଗଳମାନେ ସିଡ୍‌ବଲ୍ ଜରିଆରେ ପ୍ରକୃତିକୁ ଭଲ ପାଇବାକୁ ସେ ନିବେଦନ କରିଛନ୍ତି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ସତ୍ୟନାରାୟଣ


@ ପ୍ରମୋଦ


@ ଅନିମି ଇନ୍ଦ୍ରାଣି


@ ଦିବ୍ୟଲୋଚନ


@ ମୋହନ


@ ରାଜ

# ଅଭିଭାବକ-ଶିକ୍ଷକ ବୈଠକ

ଭୁବନେଶ୍ୱର, ୧୩।୨(ବ୍ୟୁରୋ)

ମେ' ୩ରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହେବ। ଏହାକୁ ଦୃଷ୍ଟିରେ ରଖି ଶନିବାର ସାରା ରାଜ୍ୟରେ ଥିବା ସରକାରୀ ହାଇସ୍କୁଲ୍‌ରେ ଅଭିଭାବକ-ଶିକ୍ଷକ ବୈଠକ ଅନୁଷ୍ଠିତ ହୋଇଛି। ଦୁଇଘଣ୍ଟା ଅବଧିର ଏହି ବୈଠକରେ ମୁଖ୍ୟତଃ ୪ଟି ବିଷୟରେ ଆଲୋଚନା ହୋଇଛି। ଶହେ ଦିନିଆ ପାଠପଢ଼ା, କୋଭିଡ୍ ଉପରେ ସଚେତନତା, ପରୀକ୍ଷା ଦର୍ପଣ ଏବଂ ସ୍କୁଲର ସୁରକ୍ଷା ଓ ଉନ୍ନତି ଉପରେ ପରସ୍ପର ମଧ୍ୟରେ ଆଲୋଚନା କରାଯାଇଛି। ଏହି ଅବସରରେ କେତେକ ସ୍କୁଲ୍‌ରେ ମାଟ୍ରିକ ପିଲାଙ୍କ ପାଇଁ ପରୀକ୍ଷା ଦର୍ପଣ ବଣ୍ଟନ କରାଯାଇଛି। ରାଜ୍ୟବ୍ୟାପୀ ଗୋଟିଏ ଦିନ ବୈଠକ କରିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ବୈଠକରେ ଶିକ୍ଷା ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଅଭିଭାବକଙ୍କ ସହ ଭାବବିନିମୟ କରିଥିଲେ। ସରକାରୀ ସ୍କୁଲ ପ୍ରତି ମଧ୍ୟ ଉଭୟ ପିଲା ଓ ଅଭିଭାବକ ସକାରାତ୍ମକ ଭାବନା ରଖିବା ଉପରେ ଗୁରୁତ୍ୱ ଦେଇଥିଲେ। କ୍ୟାପିଟାଲ ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ସୋନାମିକା ରାୟ କହିଛନ୍ତି, ସରକାରଙ୍କ ନିର୍ଦ୍ଦେଶାନୁଯାୟୀ ଆମ ବିଦ୍ୟାଳୟରେ ମଧ୍ୟ ଅଭିଭାବକ ଶିକ୍ଷକ ବୈଠକ ହୋଇଥିଲା। ଦଶମ ଶ୍ରେଣୀ ପିଲାଙ୍କ ୧୦୨ ଅଭିଭାବକ ଯୋଗଦେଇଥିଲେ। ବିଦ୍ୟାଳୟ ପକ୍ଷରୁ ନିଆଯାଉଥିବା ପଦକ୍ଷେପକୁ ଆମେ ଅଭିଭାବକଙ୍କୁ ଜଣାଇଲୁ ଓ ସେମାନେ ସନ୍ତୁଷ୍ଟି ପ୍ରଦାନ କଲେ। ୧୦୦ ଦିନର ସ୍କୁଲ ଚାଲିବା ଜରୁରୀ ଥିଲା। ବର୍ତ୍ତମାନ ଯେଉଁଭଳି ଭାବେ ସ୍କୁଲ ଚାଲିଛି ଠିକ୍ ଅଛି ବୋଲି ଅଭିଭାବକମାନେ ମତପ୍ରକାଶ କରିବା ସହ କେତେକ ପ୍ରସ୍ତାବ ଦେଇଥିଲେ। ସେହିପରି ୟୁନିଟ୍-୨ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଜୁଲି ମଙ୍ଗରାଜଙ୍କ ତତ୍ତ୍ୱାବଧାନରେ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରାଥମିକ ଶିକ୍ଷା ଉପନିର୍ଦ୍ଦେଶକ ପ୍ରଶାନ୍ତ କୁମାର ସ୍ୱାଇଁ ଯୋଗଦେଇ ନିଜ ଛାତ୍ର ଜୀବନର ସ୍ମୃତିଚାରଣ କରିବା ସହିତ ମାନସିକ ତଥା ଶୈକ୍ଷିକ କ୍ଷେତ୍ରରେ ଦୃଢ଼ ରହି ବାର୍ଷିକ ହାଇସ୍କୁଲ ପରୀକ୍ଷାର ସମ୍ମୁଖୀନ ହେବାକୁ ସେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ।


ୟୁନିଟ୍-୨ ବାଳିକା ଉଚ୍ଚ ବିଦ୍ୟାଳୟରେ ଜଣେ ଛାତ୍ରୀଙ୍କୁ ପରୀକ୍ଷା ଦର୍ପଣ ଦିଆଯାଉଛି।

# ରୋହିତଙ୍କ ବୃହତ୍ ଶତକ: ଭାରତ ୩୦୦/୬

ଦ୍ୱିତୀୟ ଟେଷ୍ଟ

ଚେନ୍ନାଇ, ୧୩।୨ (ପି.ଟି.)



ରୋହିତ ଶର୍ମା

ଓପନର ରୋହିତ ଶର୍ମାଙ୍କ ବୃହତ୍ ଶତକ ଓ ଉପଅଧିନାୟକ ଅଜିଙ୍କ୍ୟ ରାହାନେଙ୍କ ଦାୟିତ୍ୱପୂର୍ଣ୍ଣ ଅର୍ଦ୍ଧଶତକୀୟ ଇନିଂସ ବଳରେ ଭାରତ ଭ୍ରମଣକାରୀ ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ସମ୍ମାନଜନକ ସ୍କୋର ହାସଲ କରିଛି। ସ୍ଥାନୀୟ ଏମ୍. ଏ. ଚିଦାମ୍ବରମ୍ ଷ୍ଟାଡିୟମରେ ଶନିବାରଠାରୁ ଆରମ୍ଭ ହୋଇଥିବା ଏହି ଟେଷ୍ଟରେ ଭାରତ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମ ଇନିଂସ ଆରମ୍ଭ କରି ଭାରତ ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୬ ଉଇକେଟ ହରାଇ ୩୦୦ ରନ ସଂଗ୍ରହ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ୫୬ଟି ବଲ୍ ଖେଳି ୫ ଚୌକା ଓ ୧ ଛକା ସହ ୩୩ ରନ କରି ଅପରାଜିତ ରହିଛନ୍ତି। ସେହିପରି ପଦାର୍ପଣ କରିଥିବା ସ୍ପିନ ଅଲରାଉଣ୍ଡର ଅକ୍ଷର ପଟେଲ ୫ ରନ କରି ଅପରାଜିତ ରହିଛନ୍ତି। କୋଭିଡ୍-୧୯ ମହାମାରୀର ପ୍ରକୋପ ଜାରି ରହିବା ସତ୍ତ୍ୱେ ଚେପକ ଷ୍ଟାଡିୟମରେ ୧୨, ୦୦୦ ଦର୍ଶକଙ୍କୁ ମ୍ୟାଚ୍ ଦେଖିବାର ସୁଯୋଗ ପ୍ରଦାନ କରାଯାଇଥିଲା।

ଇନିଂସ ଭାରତ ଇନ୍‌ଫର୍ମ ଯୁବ ଓପନର ଶୁବମନ ଗିଲଙ୍କୁ ହରାଇ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ମାତ୍ର ୩ଟି ବଲ୍ ଖେଳି ଶୁବମନ ଖାତା ଖୋଲିବା ପୂର୍ବରୁ ଦ୍ରୁତ ବୋଲର ଓଲି ଷ୍ଟୋନଙ୍କ ଏକ ଗୁଡ ଲେନ୍ଥ ବଲ୍‌କୁ ଶୁବମନ ପ୍ୟାଡ୍‌ରେ ଖେଳିଥିଲେ। ବଲ ଅଫ୍‌ଷ୍ଟମ୍ପ ବାହାରେ ପଡି ଭିତରକୁ ଯାଉଥିବା ବେଳେ ଶୁବମନଙ୍କ ଆଗ ପ୍ୟାଡ୍‌ରେ ବଲ୍ ବାଜିଥିଲା। ଅମ୍ପାୟର ନୀତୀନ ମେନନ ବିନା ଦ୍ୱିଧାରେ ଏଲ୍‌ବିଡବ୍ଲ୍ୟୁ ଆଉଟ ଘୋଷଣା କରିଥିଲେ। ଶୁବମନ ରିଭ୍ୟୁ ମଧ୍ୟ ନେଇ ନ ଥିଲେ ଓ ସିଧା ପ୍ୟାଭିଲିୟନ ଫେରିଥିଲେ। ଫଳରେ ବିନା ସ୍କୋରରେ ଭାରତ ପ୍ରଥମ ଉଇକେଟ ହରାଇଥିଲା। ଏହାପରେ ଦ୍ୱିତୀୟ ଉଇକେଟରେ ରୋହିତ ଓ ଟେଷ୍ଟ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାରା ୮୫ ରନ କରି ସ୍ଥିତି ସମ୍ଭାଳିବାକୁ ପ୍ରୟାସ କରିଥିଲେ। ପୂଜାରା ପୁରୁଣା ତ୍ରୁଟି ଦୋହରାଇଥିଲେ। ସ୍ପିନର ଜ୍ୟାକ ଲିଚ୍‌ଙ୍କ ଅଫ୍ ଷ୍ଟମ୍ପ ବାହାରକୁ ଯାଉଥିବା ବଲ୍‌କୁ ପୂଜାର ନିଜଠାରୁ ଦୂରରେ ରହି ଥାର୍ଡମ୍ୟାନକୁ ଷ୍ଟିୟର କରିବାକୁ ଚାହୁଁଥିଲେ। ତେବେ ବଲ୍ ବ୍ୟାଟ୍‌ର ଏଜ୍ ନେଇଥିଲା ଓ ସ୍ଲିପ୍‌ରେ ବେନ୍‌ଷ୍ଟୋକ୍ସ କ୍ୟାଚ୍ ନେଇଥିଲେ। ମାତ୍ର ୨୧ ରନ କରି ପୂଜାରାଙ୍କୁ ପ୍ୟାଭିଲିୟନ ଫେରିବାକୁ ହୋଇଥିଲା। ଏହାପରେ ଅଧିନାୟକ ବିରାଟ କୋହଲିଙ୍କ ପାଳି ପଡିଥିଲା। କୋହଲି ଖାତା ଖୋଲିବା ପୂର୍ବରୁ ଅଫ୍ ସ୍ପିନର ମୋଇନ ଅଲିଙ୍କ ବଲ୍‌ରେ ଚକ୍‌ମା ଖାଇଥିଲେ। ଅଫ୍ ଷ୍ଟମ୍ପ ବାହାରେ ବଲ୍ ପିଚ୍ ଖାଇଥିଲା ଓ ଭିତରକୁ ପଶିଥିଲା। କୋହଲି କଭର ଡ୍ରାଇଭ କରିବାକୁ ପ୍ରୟାସ କରିଥିଲେ। ତେବେ ବ୍ୟାଟ୍ ଓ ପ୍ୟାଡ୍‌ରେ ଯଥେଷ୍ଟ ଗ୍ୟାପ୍ ରହିଥିଲା। ଫଳରେ ବଲ୍ ଯାଇ ଷ୍ଟମ୍ପଗୁଡିକର ଉପରେ ବାଜିଥିଲା। କିଛି ସମୟ କୋହଲି କିଛି ବୁଝିପାରି ନ ଥିଲେ। ତେବେ ତାଙ୍କୁ ପରେ ପ୍ୟାଭିଲିୟନ ଫେରିବାକୁ ପଡିଥିଲା। ମୋଇନ୍ ପ୍ରଥମ ସ୍ପିନର ଭାବେ କୋହଲିଙ୍କୁ ଟେଷ୍ଟରେ ଡକ୍ ଅର୍ଥାତ ବିନା ସ୍କୋରରେ ଆଉଟ କରିଛନ୍ତି। ଏଥିସହ କୋହଲି ଟେଷ୍ଟରେ ୧୧ଥର ପାଇଁ ଟେଷ୍ଟରେ ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଛନ୍ତି। ଏହାପୂର୍ବରୁ ଜେମ୍ସ ଆଣ୍ଡରସନ, ଷ୍ଟୁଆର୍ଟବ୍ରଡ, ପ୍ୟାଟ୍‌କମିନ୍ସ, ବେନହିଲଫେନହାସ, ମିଚେଲଷ୍ଟାର୍କ, ସୁରଙ୍ଗା ଲାକମଲ, ଆବୁ ଜାଏଦ, ଲିୟମ ପ୍ଲଙ୍କେଟ, ରବି ରମ୍ପଲ ଓ କେମର ରୋଚ୍ କୋହଲିଙ୍କୁ ଟେଷ୍ଟରେ ଡକ୍‌ରେ ପ୍ୟାଭିଲିୟନ ଫେରାଇସାରିଛନ୍ତି।

## ରୋହିତ- ରାହାନେଙ୍କ ଶତକୀୟ ଭାଗୀଦାରି

୮୬ ରନରେ ଟପ୍ ଅର୍ଡର ୩ ଉଇକେଟ ହରାଇ ଭାରତ ବିପଦରେ ପଡିଥିଲା। ଏହାପରେ ରାହାନେ ବ୍ୟାଟିଂ କରିବାକୁ ଆସିଥିଲେ। ଚତୁର୍ଥ ଉଇକେଟରେ ରୋହିତ ଓ ରାହାନେ ୩୧୦ଟି ବଲ୍‌ର ସମ୍ମୁଖୀନ ହୋଇ ୧୬୨ ରନ କରି ସ୍ଥିତି ସମ୍ଭାଳିଥିଲେ। ରୋହିତ ଓ ରାହାନେ ଜବରଦସ୍ତ ବ୍ୟାଟିଂ ପ୍ରଦର୍ଶନ କରିଥିଲେ। ଉଭୟଙ୍କ ଫୁଟ୍‌ୱାର୍କ ଓ ଡିଫେନ୍ସ ଭଲ ଥିଲା। ଇଂଲଣ୍ଡ ପେସର ଓ ସ୍ପିନରଙ୍କ ଉଚିତ ମୁକାବିଲା କରିଥିଲେ ଏହି ଦୁଇ ବ୍ୟାଟ୍ସମ୍ୟାନ। ନିୟମିତ ଅନ୍ତରରେ ରୋହିତ ସ୍ପିନରଙ୍କ ବିପକ୍ଷରେ ସୁଇପ୍ ଶଟମାନ ଖେଳି ଦ୍ରୁତ ଗତିରେ ରନ୍ ସଂଗ୍ରହ କରିଥିଲେ। କୋହଲିଙ୍କ ପରେ ରୋହିତଙ୍କ ପାଳି ପଡିଥିଲା। ରୋହିତ କ୍ରିଜ୍‌ରେ ୫ ଘଣ୍ଟା ୪୫ ମିନିଟ୍‌ରେ ଧୈର୍ଯ୍ୟର ସହ ତିଷ୍ଠି ରହିବା ସହ ୨୩୧ଟି ବଲର ସମ୍ମୁଖୀନ ହୋଇ ୧୮ ଚୌକା ଓ ୨ ଛକା ସହ ୧୬୧ ରନର ବୃହତ୍ ଶତକୀୟ ଇନିଂସ ଖେଳି ପ୍ୟାଭିଲିୟନ ଫେରିଥିଲେ। ସ୍ପିନର ଜ୍ୟାକ୍ ଲିଚ୍‌ଙ୍କ ବଲ୍ ଷ୍ଟମ୍ପ ଆଉଟ ହେବାରୁ ବର୍ତ୍ତିବାର ଠିକ ପର ଓଭରରେ ରୋହିତ ସୁଇପ୍ କରିବାକୁ ପ୍ରୟାସ କରିଥିଲେ। ତେବେ ବଲ୍ ବ୍ୟାଟ୍‌ର ମଝିରେ ବାଜି ନ ଥିଲା। ଫଳରେ ଡିପ୍ ସ୍କୋୟାର ଲେଗ୍‌ରେ ମୋଇନ୍ କ୍ୟାଚ୍ ନେଇ ରୋହିତଙ୍କୁ ପ୍ୟାଭିଲିୟନ ଫେରାଇଥିଲେ। ଏଥିସହିତ ଏକ ବଡ଼ ଇନିଂସର ପରିସମାପ୍ତି ଘଟିଥିଲା। ସ୍ପିନରଙ୍କୁ ସହାୟତା ପ୍ରଦାନ କରୁଥିବା ଏହି କଷ୍ଟକର ପିଚ୍‌ରେ ରୋହିତ ଶ୍ରେଷ୍ଠ ପ୍ରଦର୍ଶନ କରି ବ୍ୟାଟିଂକୁ ସହଜରେ ପରିଣତ କରିଥିଲେ। ଏହି ଇନିଂସରେ ସେ କଟ୍, ସୁଇପ୍, ପୁଲ୍ ସମେତ ସବୁ ପ୍ରକାର ଶଟ୍ ଖେଳି ଭ୍ରମଣକାରୀ ବୋଲରଙ୍କୁ ନିରାଶ କରିଥିଲେ। ଏଥିସହ ରୋହିତ ଇଂଲଣ୍ଡ ବିପକ୍ଷରେ ପ୍ରଥମ ଟେଷ୍ଟ ଶତକ ଓ ମୋଟ ଉପରେ ସପ୍ତମ ଶତକ ଅର୍ଜନ କରିଛନ୍ତି। ୩୩ ବର୍ଷୀୟ ରୋହିତ ଏ ପର୍ଯ୍ୟନ୍ତ ୩୬ଟି ଟେଷ୍ଟ ଖେଳି ୪୪ ରନ ଆଭରେଜ୍‌ରେ ୨,୦୦୦ ରନ ସଂଗ୍ରହ କରିଛନ୍ତି। ଏହାପରେ ପାଖାପାଖି ୪ ଘଣ୍ଟା କ୍ରିଜ୍‌ରେ ରହି ୧୪୯ଟି ବଲ୍ ଖେଳି ରାହାନେ ୯ ଚୌକା ସହ ୬୭ ରନର ଉପଯୋଗୀ ଅର୍ଦ୍ଧଶତକୀୟ ଇନିଂସ ଖେଳି ମୋଇନ ଅଲିଙ୍କ ଶିକାର ହୋଇଥିଲେ। ମୋଇନଙ୍କ ଅଫ୍‌ବ୍ରେକ୍ ବଲ୍‌କୁ ସୁଇପ୍ କରିବାକୁ ଯାଇ ଲାଇନ୍ ମିସ୍ କରି ରାହାନେ ଚକ୍‌ମା ଖାଇଥିଲେ ଓ କ୍ଲିନ ବୋଲ୍ଡ ହୋଇଥିଲେ। ପ୍ରଥମ ଦିବସର ଅନ୍ତିମ ଉଇକେଟ ଭାବେ ସ୍ପିନ ଅଲରାଉଣ୍ଡର ରବିଚନ୍ଦ୍ରନ ଅଶ୍ୱିନ ୧୩ ରନ କରିଥିବା ବେଳେ ଜୋ ରୁଟ୍‌ଙ୍କ ସ୍ପିନ୍‌ରେ ଅତିରିକ୍ତ ବାଉନ୍ସରେ ଚକ୍‌ମା ଖାଇଥିଲେ ଓ ଶର୍ଟ ଲେଗ୍‌ରେ ଓଲି ପୋପ୍‌ଙ୍କୁ କ୍ୟାଚ୍ ଦେଇ ଆଉଟ୍ ହୋଇଥିଲେ। ସପ୍ତମ ଉଇକେଟରେ ରିଷଭ ଓ ଅକ୍ଷର ଅପରାଜିତ ୧୬ ରନ ସଂଗ୍ରହ କରିଥିଲେ। ବୋଲିଂରେ ଇଂଲଣ୍ଡ ପକ୍ଷରୁ ମୋଇନ୍ ଓ ଲିଚ୍ ଦୁଇଟି ଲେଖାଏ, ଷ୍ଟୋନ୍ ଓ ରୁଟ୍ ଗୋଟିଏ କରି ଉଇକେଟ ହାସଲ କରିଥିଲେ।

### ସ୍କୋର ବୋର୍ଡ

**ଭାରତ ପ୍ରଥମ ଇନିଂସ**

| | |
|---|---|
| ରୋହିତ-କ-ମୋଇନ-ବୋ-ଲିଚ୍ | ୧୬୧ |
| ଶୁବମନ-ଏଲ୍‌ବିଡବ୍ଲ୍ୟୁ-ଓଲି ଷ୍ଟୋନ୍ | ୦ |
| ପୂଜାରା-କ-ଷ୍ଟୋକ୍ସ-ବୋ-ଲିଚ୍ | ୨୧ |
| କୋହଲି-ବୋ-ମୋଇନ୍ | ୦ |
| ରାହାନେ-ବୋ-ମୋଇନ | ୬୭ |
| ପନ୍ତ-ବ୍ୟାଟିଂ | ୩୩ |
| ଅଶ୍ୱିନ-କ-ଓଲି ପୋପ୍-ବୋ-ରୁଟ୍ | ୧୩ |
| ଅକ୍ଷର ପଟେଲ-ବ୍ୟାଟିଂ | ୫ |
| ମୋଟ (୮୮ ଓଭର, ୬ ଉଇକେଟ) | ୩୦୦। |

ଉଇକେଟ ପତନ: ୧/୦, ୨/୮୫, ୩/୮୬, ୪/୨୪୮, ୫/୨୪୯, ୬/୨୮୪।

**ବୋଲିଂ (ଇଂଲଣ୍ଡ)**

| | |
|---|---|
| ଷ୍ଟୁଆର୍ଟ ବ୍ରଡ୍ | ୧୧-୨-୩୭-୦ |
| ଓଲି ଷ୍ଟୋନ୍ | ୧୫-୫-୪୨-୧ |
| ଜ୍ୟାକ୍ ଲିଚ୍ | ୨୬-୨-୭୮-୨ |
| ବେନ୍ ଷ୍ଟୋକ୍ସ | ୨-୦-୧୬-୦ |
| ମୋଇନ ଅଲି | ୨୬-୩-୧୧୨-୨ |
| ଜୋ ରୁଟ୍ | ୮-୨-୧୫-୧। |


ଗ୍ୟାଲେରୀରେ ରୋହିତଙ୍କୁ ଉତ୍ସାହିତ କରିବା ଅବସରରେ ସ୍ତ୍ରୀ ରିତିକା।

# ରାଜ୍ୟ ଚେସ୍: ହର୍ଷିତ ଚାମ୍ପିୟନ

ଭୁବନେଶ୍ୱର, ୧୩।୨ (କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ପୁରୁଣା ଭୁବନେଶ୍ୱରସ୍ଥିତ କୈଳାସ ସଦନ କଲ୍ୟାଣ ମଣ୍ଡପରେ ୬ଷ୍ଠ ରାଜ୍ୟ ଓପନ ଚେସ୍ ଅନୁଷ୍ଠିତ ହୋଇଯାଇଛି। ୮ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ହର୍ଷିତ ରଞ୍ଜନ ସାହୁ ୭ ପଏଣ୍ଟ ଏବଂ ଫିଡେ ମାଷ୍ଟର ସୌମ୍ୟ ରଞ୍ଜନ ମିଶ୍ର ୬.୫ ପଏଣ୍ଟ ସହିତ ଯଥାକ୍ରମେ ଚାମ୍ପିୟନ ଓ ରନର୍ସଅପ୍ ହୋଇଛନ୍ତି। ପ୍ରିୟାଂଶ ଦାସ, ତନ୍ମୟ ତ୍ରିପାଠୀ (ଉଭୟେ ୬ ପଏଣ୍ଟ), ମାନସ ରଞ୍ଜନ ପରିଡ଼ା, ସ୍ୱପ୍ନିଲ ପ୍ରିୟଦର୍ଶୀ, ଶ୍ରୀୟାଂଶ ଦାସ, ଅବିନାଶ ବଳିୟାରସିଂ (ସମସ୍ତେ ୫.୫), ରାଜେନ୍ଦ୍ର କୁମାର ସାହୁ ଓ ମହେଶ ପ୍ରସାଦ ସେଠୀ (ଉଭୟେ ୫ ପଏଣ୍ଟ) ଟପ୍-୧୦ ଫିନିଶ୍ କରିଛନ୍ତି। ଏହା ବ୍ୟତୀତ ବିଭିନ୍ନ ବୟସ ବର୍ଗରେ ପ୍ରତୀକ କୁଶାଲ ରାଉତ, ଦିବ୍ୟାଂଶୁ ମହାପାତ୍ର, ଈଶାନ୍ତ ଦାସ, ରୋହିତ ସିଂ, ବିକାଶ କୁମାର ଲେଙ୍କା, ରୋହିତ ମଲିକ, ଆରିନ ଅନ୍ୱେଷ ସ୍ୱାଇଁ, ସ୍ଥିତିପ୍ରଜ୍ଞ ସାହୁ, ବାଳିକା ବର୍ଗରେ ନମସ୍ୟ ନଳିନୀ ଓ ଶ୍ରଦ୍ଧା ସ୍ମରଣିକା ନନ୍ଦଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ଭାରତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।


କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ସହ।

# ଆଶ୍ଚର୍ଯ୍ୟ ହେବାର ନୁହେଁ

ବାଇଚୁଙ୍ଗ ଭୂଟିଆ

ଖଲିଦ ଜମିଲ ନର୍ଥ ଇଷ୍ଟ ୟୁନାଇଟେଡ ଏଫ୍‌ସି (ଏନ୍‌ଇୟୁଏଫ୍‌ସି)ର ମ୍ୟାନେଜର ଦାୟିତ୍ୱ ଗ୍ରହଣ କରିବା ପରଠାରୁ ଦଳର ପ୍ରଦର୍ଶନରେ ଉନ୍ନତି ପରିଲକ୍ଷିତ ହୋଇଛି। ଦଳ ଗୋଟିଏ ହେଲେ ମ୍ୟାଚରେ ପରାଜିତ ହୋଇ ନ ଥିବାବେଳେ ଟପ୍ ଟିମ୍‌ଗୁଡ଼ିକୁ ପରାସ୍ତ କରିଛି। ଏହାସତ୍ତ୍ୱେ ଦଳ ଚଳିତ ହିରୋ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ)ରେ ଏ ପର୍ଯ୍ୟନ୍ତ ପ୍ଲେ-ଅଫ୍ ସ୍ଥାନ ପକ୍କା କରିପାରି ନାହିଁ। ଓଡ଼ିଶା ଏଫ୍‌ସି ବିପକ୍ଷରେ ବିଜୟ ହାସଲ କରିପାରିଲେ ସେମାନଙ୍କ ସମ୍ଭାବନା ଦୃଢ଼ୀଭୂତ ହେବ। ଜମିଲଙ୍କ ଅଧୀନରେ ଦଳର ଖେଳିବା ଷ୍ଟାଇଲ ବଦଳିଛି। ଖେଳାଳିମାନେ ଚାପରେ ନ ରହି ହାଲୁକା ଅନୁଭବ କରୁଛନ୍ତି। ଭାରତୀୟ ଯୁବ ଖେଳାଳିମାନଙ୍କର ଆତ୍ମବିଶ୍ୱାସ ଓ ଲଢୁଆ ମନୋଭାବ ବୃଦ୍ଧି ପାଇଛି। ଦଳର ଆକ୍ରମଣାତ୍ମକ ସ୍ପିଡ୍ ମଧ୍ୟ ବଢ଼ିଛି। ଜମିଲଙ୍କ ପ୍ରଭାବରେ ଶୁଭାଶିଷ ରାୟଚୌଧୁରୀଙ୍କ ଭଳି ପୁରୁଖା ଖେଳାଳିଙ୍କ ଗତ କେତୋଟି ମ୍ୟାଚରେ ପ୍ରଦର୍ଶନରେ ଉନ୍ନତି ଘଟିଛି। ନର୍ଥ ଇଷ୍ଟ ୟୁନାଇଟେଡରେ ଶୁଭାଶିଷ ହେଉଛନ୍ତି ଏକମାତ୍ର ଭାରତୀୟ ଖେଳାଳି ଯାହାଙ୍କର ଅନ୍ତର୍ଜାତୀୟ ଅଭିଜ୍ଞତା ରହିଛି। ସେ ତୁଳନାରେ ଦେଖିବାକୁ ଗଲେ ଏଥର ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ଏଫ୍‌ସିର ପ୍ରଦର୍ଶନରେ ଅସ୍ଥିରତା ପରିଲକ୍ଷିତ ହୋଇଛି। ଦଳକୁ ନେଇ ପୂର୍ବାନୁମାନ କରିବା କଷ୍ଟକର। ମ୍ୟାଚରେ ବହୁ ସୁଯୋଗ ପାଇ ମଧ୍ୟ ହାତଛଡ଼ା କରୁଛି। ଦଳ ଯେକୌଣସି ମୁହୂର୍ତ୍ତରେ ଚମକପ୍ରଦ ପ୍ରଦର୍ଶନ କରି ସମସ୍ତ ହିସାବ ଏପଟସେପଟ କରିଦେଇପାରେ। ଦଳରେ କେତେଜଣ ନୂଆ ଖେଳାଳିଙ୍କୁ ସାମିଲ କରିବା ପରେ ଏଟିକେ ମୋହନବାଗାନ ଅଧିକ ଶକ୍ତିଶାଳୀ ହୋଇପାରିଛି। ଭାରତୀୟ ଖେଳାଳି ଲେନି ରୋଡ୍ରିଗୁଏଜ୍ ଦଳରେ ଯୋଗଦାନ କରିବା ପରେ ଦଳର ମିଡ୍‌ଫିଲ୍ଡ ଅଧିକ ଶକ୍ତିଶାଳୀ ହୋଇପାରିଛି ବୋଲି କୋଚ୍ ଆଣ୍ଟୋନିଓ ହାବାସ ମନେ କରନ୍ତି। ମାର୍ସେଲିନୋ ଆସିବା ପରେ ସେ ଯଥାର୍ଥତା ପ୍ରତିପାଦନ କରିଛନ୍ତି। ବେଙ୍ଗାଲୁରୁ ଏଫ୍‌ସି ବିପକ୍ଷରେ ଏକ ଫ୍ରି କିକ୍‌କୁ ସେ ଗୋଲରେ ପରିଣତ କରିଥିଲେ। ଚଳିତ ଆଇଏସ୍‌ଏଲ୍‌ରେ ଏଟିକେ ମୋହନବାଗାନ ବିପଜ୍ଜନକ ମନେ ହେଉଛି। ଲିଗ୍ ପର୍ଯ୍ୟାୟରେ ଏହି ଦଳ ଯଦି ଟେବୁଲ ଶୀର୍ଷରେ ରୁହେ, ତେବେ ଏଥିରେ ଆଶ୍ଚର୍ଯ୍ୟ ହେବାର ନୁହେଁ। ଜାମସେଦପୁର ଏଫ୍‌ସି ଏହାର ପ୍ଲେ-ଅଫ୍ ଆଶାକୁ ଉଜ୍ଜୀବିତ କରି ରଖିଛି। କିନ୍ତୁ ଦଳଗତ ପ୍ରଦର୍ଶନ ଅପେକ୍ଷା ବିଶେଷ କରି ନେରିଜସ୍ ଭାଲ୍‌କିସ୍‌ଙ୍କ ବ୍ୟକ୍ତିଗତ ପ୍ରଦର୍ଶନ ଉପରେ ଏହି ଦଳ ନିର୍ଭରଶୀଳ। ତେଣୁ ଏଟିକେ ମୋହନବାଗାନକୁ ପରାସ୍ତ କରିବା ଜାମସେଦପୁର ଏଫ୍‌ସି ପକ୍ଷେ ସହଜ ହେବ ନାହିଁ। (ଗେମ୍‌ପ୍ଲାନ)




# ୱେଷ୍ଟଇଣ୍ଡିଜକୁ ରୋକିଲା ବାଂଲାଦେଶ

ଢାକା, ୧୩।୨ (ଏପି)

ୱେଷ୍ଟଇଣ୍ଡିଜର ଦ୍ୱିତୀୟ ଇନିଂସ ବ୍ୟାଟିଂରେ ବାଂଲାଦେଶ ଅଙ୍କୁଶ ଲଗାଇବାରେ ସକ୍ଷମ ହୋଇଛି। ସ୍ଥାନୀୟ ଶେରେ ବାଂଲା ନ୍ୟାଶନାଲ ଷ୍ଟାଡିୟମରେ ଘରୋଇ ଦଳର ସ୍ପିନର ଚମତ୍କାର ବୋଲିଂ କରି ୱେଷ୍ଟଇଣ୍ଡିଜର ପ୍ରାରମ୍ଭିକ ବିପର୍ଯ୍ୟୟ ଘଟାଇଛନ୍ତି। ପ୍ରଥମ ଇନିଂସରେ ୧୧୩ରନ ଅଗ୍ରଣୀ ଲାଭ କରିଥିବା ଭ୍ରମଣକାରୀ ଦଳ ଶନିବାର ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୩ ଉଇକେଟରେ ୪୧ ରନ କରିଛି। ଏନକ୍ରୁମା ବୋନର (୮) ଓ ନାଇଟ୍ ୱାଚ୍‌ମ୍ୟାନ ଜୋମେଲ ୱାରିକାନ୍ (୨) କ୍ରିଜ୍‌ରେ ରହିଛନ୍ତି। ୱେଷ୍ଟଇଣ୍ଡିଜ ଏ ପର୍ଯ୍ୟନ୍ତ ମୋଟ ଉପରେ ୧୫୪ରନ ଅଗ୍ରଣୀ ଲାଭ କରିସାରିଛି।

ସକାଳେ ବାଂଲାଦେଶ ପୂର୍ବଦିନର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୧୦୫/୪ରୁ ଖେଳ ଆରମ୍ଭ କରିଥିଲା। ଭ୍ରମଣକାରୀ ଦଳର ଅଫ୍ ସ୍ପିନର ରହକିମ୍ କର୍ନୱାଲଙ୍କ ୫ଉଇକେଟ ସଫଳତା ଯୋଗୁ ବାଂଲାଦେଶ ୨୯୬ରନରେ ଅଲ୍ ଆଉଟ ହୋଇଯାଇଥିଲା। ଟେଷ୍ଟ କ୍ରିକେଟରେ କର୍ନୱାଲଙ୍କର ଏହା ଥିଲା ଦ୍ୱିତୀୟ ୫ ଉଇକେଟ ସଫଳତା। ଫାଷ୍ଟ ବୋଲର ଶାନନ ଗାବ୍ରିଏଲ୍ (୩/୭୦) ଓ ଅଲ୍‌ଜାରି ଯୋଶେଫ୍ (୨/୬୦) ମଧ୍ୟ ଭଲ ବୋଲିଂ କରିଥିଲେ।


ରହକିମ୍ କର୍ନୱାଲ

ସଂକ୍ଷିପ୍ତ ସ୍କୋର

**ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସ:** ୪୦୯

**ବାଂଲାଦେଶ ପ୍ରଥମ ଇନିଂସ:** ୨୯୬ (ଲିଟନ ଦାସ-୭୧, ମେହିଦି ହସନ-୫୭, ମୁସ୍‌ଫିକର ରହିମ-୫୪ ; ରହକିମ୍ କର୍ନୱାଲ-୫/୭୪, ଶାନନ ଗାବ୍ରିଏଲ୍-୩/୭୦)।

**ୱେଷ୍ଟଇଣ୍ଡିଜ ଦ୍ୱିତୀୟ ଇନିଂସ:** ୪୧/୩।

# ପାରାମାଉଣ୍ଟ ସ୍ପୋର୍ଟିଂ ଚାମ୍ପିୟନ

ଭୁବନେଶ୍ୱର, ୧୩।୨ (କ୍ରୀଡ଼ା ପ୍ରତିନିଧି)

ପାରାମାଉଣ୍ଟ କ୍ଲବ ଆନୁକୂଲ୍ୟରେ ଏକ ୪ ଦଳ ବିଶିଷ୍ଟ ୧୪ ବର୍ଷରୁ କମ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଗତି ସ୍ପୋର୍ଟିଂ, ମୁକ୍ତେଶ୍ୱର କ୍ରିକେଟ କ୍ଲବ, ଓସ୍କାର ସ୍ପୋର୍ଟିଂ ଓ ପାରାମାଉଣ୍ଟ ସ୍ପୋର୍ଟିଂ ଭାଗ ନେଇଥିଲେ। ଶନିବାର ଅନୁଷ୍ଠିତ ଫାଇନାଲରେ ପ୍ରଗତିକୁ ହରାଇ ପାରାମାଉଣ୍ଟ ଚାମ୍ପିୟନ ହୋଇଛି। ପ୍ରଥମେ ବ୍ୟାଟିଂ କରିଥିବା ପାରାମାଉଣ୍ଟ ୩୫ ଓଭରରେ ୫ ଉଇକେଟ ହରାଇ ୧୩୪ ରନ କରିଥିଲା। ସିଦ୍ଧାର୍ଥ ଶଙ୍କର ବେହେରା ସର୍ବାଧିକ ୫୭, ଏମ. କୌଶିକ ୨୬ ରନ କରିଥିଲେ। ବିପକ୍ଷ ଦଳର ସୌମ୍ୟ ମହାରଣା ଓ ସନ୍ଦନ ମହାନ୍ତି ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ପ୍ରଗତି ୧୨୧ ରନରେ ଅଲଆଉଟ ହୋଇ ଯାଇଥିଲା। ଦଳ ପକ୍ଷରୁ ଅଶିମ୍ ବାରାଦ ସର୍ବାଧିକ ୩୪ ରନ କରିଥିବାବେଳେ ବିଜୟୀ ଦଳର ସୟଦ ତୁଫୈଲ ଅହମ୍ମଦ ୩ଟି ଓ ପ୍ରଜ୍ଞା ପତ୍ରୀ ୨ଟି ଉଇକେଟ ନେଇଥିଲେ। ପାରାମାଉଣ୍ଟର ସିଦ୍ଧାର୍ଥ ଶଙ୍କର ବେହେରା ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଓ ମ୍ୟାନ ଅଫ୍ ଦି ଫାଇନାଲ, ତୁଫୈଲ ଶ୍ରେଷ୍ଠ ବୋଲର ଓ ମ୍ୟାନ ଅଫ୍ ଦି ସିରିଜ ଏବଂ ପ୍ରଗତୀର ଅସିମ ବାରାଦ ଶ୍ରେଷ୍ଠ ଫିଲ୍ଡର ପୁରସ୍କାର ପାଇଥିଲେ। ଅବସରପ୍ରାପ୍ତ ପ୍ରଶାସକ ତଥା ବିଜେବି ନଗର ଉନ୍ନୟନ ପରିଷଦର ସଭାପତି ରଘୁନାଥ ମିଶ୍ର ମୁଖ୍ୟ ଅତିଥି, ପାରାମାଉଣ୍ଟର ପ୍ରତିଷ୍ଠାତା ସଭ୍ୟ ବିବେକାନନ୍ଦ ଦାସ, କ୍ଲବ ସଭାପତି ପ୍ରତାପ ଜେନା, କୋଷାଧ୍ୟକ୍ଷ ସଞ୍ଜୀବ କୁମାର ରଥ, ଉପସଭାପତି ଅମର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।


ଚାମ୍ପିୟନ ପାରାମାଉଣ୍ଟ ସ୍ପୋର୍ଟିଂ ଦଳର ଖେଳାଳିମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

# ଦ୍ୱିତୀୟ ଟି୨୦ରେ ଦକ୍ଷିଣ ଆଫ୍ରିକା ବିଜୟୀ

**ଲାହୋର, ୧୩।୨:** ସ୍ଥାନୀୟ ଗଦାଫି ଷ୍ଟାଡିୟମରେ ପାକିସ୍ତାନ ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ଟି୨୦ରେ ଦକ୍ଷିଣ ଆଫ୍ରିକା ୬ଉଇକେଟରେ ବିଜୟ ହାସଲ କରିଛି। ଏଥିସହିତ ଦଳ ୩ ମ୍ୟାଚ ବିଶିଷ୍ଟ ସିରିଜକୁ ୧-୧ ସ୍ତରକୁ ନେଇ ଆସିଛି। ଗୁରୁବାର ଅନୁଷ୍ଠିତ ପ୍ରଥମ ଟି୨୦ରେ ପାକିସ୍ତାନ ୩ରନରେ ବିଜୟ ହାସଲ କରିଥିଲା। ଶନିବାର ଖେଳାଯାଇଥିବା ମ୍ୟାଚରେ ଦକ୍ଷିଣ ଆଫ୍ରିକା ଟସ୍ ଜିତି ପାକିସ୍ତାନକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ଡ୍ୱେନ ପ୍ରିଟୋରିଅସ୍ (୫/୧୭)ଙ୍କ ଉଚ୍ଚକୋଟୀର ବୋଲିଂ ଯୋଗୁ ଘରୋଇ ଦଳର ସ୍କୋର ୧୪୪/୭ରେ ସୀମିତ ହୋଇଯାଇଥିଲା। ଦକ୍ଷିଣ ଆଫ୍ରିକା ୧୬.୨ଓଭରରେ ୪ ଉଇକେଟ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା।

**ପାକିସ୍ତାନ ଇନିଂସ:** ୨୦ଓଭରରେ ୧୪୪/୭ (ମହମ୍ମଦ ରିଜୱାନ-୫୧, ଫହିମ୍ ଅଶ୍ରଫ୍-୩୦*, ଇଫ୍‌ତିକର ଅହମ୍ମଦ-୨୦ ; ଡ୍ୱେନ ପ୍ରିଟୋରିଅସ୍-୫/୧୭)।

**ଦକ୍ଷିଣ ଆଫ୍ରିକା ଇନିଂସ:** ୧୬.୨ ଓଭରରେ ୧୪୫/୪ (ରିଜା ହେଣ୍ଡ୍ରିକ୍ସ-୪୨, ପିଟ୍ ଭାନ୍ ବିଲ୍‌ଜୋନ୍-୪୨, ଡେଭିଡ୍ ମିଲର-୨୫* ; ଶାହିନ ଆଫ୍ରିଦି-୨/୧୮)।

# କମିଶନରେଟ୍, ଜିଲ୍ଲା ପ୍ରଶାସନ ଦଳ ବିଜୟୀ

ପୁରୁଣା ଭୁବନେଶ୍ୱର, ୧୩।୨ (ଡି.ଏନ.ଏ.)

ଭୁବନେଶ୍ୱର ବାର୍ ଆସୋସିଏଶନ ଆନୁକୂଲ୍ୟରେ ବିଜେବି ଖେଳ ପଡ଼ିଆରେ ଚାଲିଥିବା ୭ମ ପ୍ରଶାନ୍ତ ରାଉତରାୟ ସ୍ମାରକୀ ଆଇନଜୀବୀ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଶନିବାର ୨ଟି ପ୍ରଦର୍ଶନୀ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ କମିଶନରେଟ୍ ପୋଲିସ ଓ ଜିଲ୍ଲା ପ୍ରଶାସନ ଦଳ ବିଜୟୀ ହୋଇଛି।

ପ୍ରଥମ ମ୍ୟାଚରେ କମିଶନରେଟ୍ ପୋଲିସ ୪ ଉଇକେଟରେ ମିଡିଆ ଏକାଦଶକୁ ହରାଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ମିଡିଆ ଦଳ ୧୬ ଓଭରରେ ୧୨୨ ରନ କରି ସମସ୍ତ ଉଇକେଟ ହରାଇଥିଲା। ଦଳ ପକ୍ଷରୁ ଅଶୋକ ସେଠୀ ସର୍ବାଧିକ ୩୦ ରନ କରିଥିଲେ। ବିପକ୍ଷ ଦଳର ମନୋଜ ପାଇକରାୟ ୩ଟି ଓ ଦୀନେଶ ପ୍ରଧାନ ୨ଟି ଉଇକେଟ ନେଇଥିଲେ। ୧୨୩ ରନ ବିଜୟ ଲକ୍ଷ୍ୟକୁ କମିଶନରେଟ୍ ୧୫ ଓଭରରେ ୬ ଉଇକେଟ ହରାଇ ହାସଲ କରି ନେଇଥିଲା। ଦଳ ପକ୍ଷରୁ ଦୀନେଶ ପ୍ରଧାନ ସର୍ବାଧିକ ୩୨ ରନ କରିଥିବାବେଳେ ମିଡିଆ ଏକାଦଶର ମହମ୍ମଦ ଅଜିଜ ୫ ଉଇକେଟ ସଫଳତା ପାଇଥିଲେ। ଦ୍ୱିତୀୟ ମ୍ୟାଚରେ ଜିଲ୍ଲା ପ୍ରଶାସନ ଏକାଦଶ ୯୨ ରନରେ ସେକ୍ରେଟାରି ଏକାଦଶକୁ ହରାଇଥିଲା। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଜିଲ୍ଲା ପ୍ରଶାସନ ଦଳ ୧୫ ଓଭରରେ ୨ ଉଇକେଟ ହରାଇ ୨୧୧ ରନ କରିଥିଲା। ପ୍ରଫୁଲ୍ଲ ସ୍ୱାଇଁ ସର୍ବାଧିକ ୬୮* ଓ ଦିଗନ୍ତ ରାଉତରାୟ ୪୯ ରନ କରିଥିଲେ। ପ୍ରତିପକ୍ଷ ଦଳର ବିଷ୍ଣୁ ରଞ୍ଜନ ସାହୁ ୨ଟିଯାକ ଉଇକେଟ ନେଇଥିଲେ। ଜବାବରେ ସେକ୍ରେଟାରି ଏକାଦଶ ୧୫ ଓଭରରେ ୨ ଉଇକେଟ ହରାଇ ୧୧୯ ରନ କରି ପାରିଥିଲା। ଯତୀନ୍ଦ୍ର ମହାନ୍ତି ସର୍ବାଧିକ ୪୧ ରନ କରିଥିଲେ। ପ୍ରଫୁଲ୍ଲ ସ୍ୱାଇଁ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଭୁବନେଶ୍ୱର ବାର୍ ଆସୋସିଏଶନ ସଭାପତି ମହମ୍ମଦ ଜିଆ ଉଲ୍ ହକ୍, ସମ୍ପାଦକ ରାଜ କିଶୋର ଦାସ, ଆଡ୍‌ଭୋକେଟ ଅଶୋକ କୁମାର ପାତ୍ର, ଜ୍ୟୋତି ମୋଟର୍ସର ନିର୍ଦ୍ଦେଶକ ଦିବ୍ୟଜ୍ୟୋତି ପଟ୍ଟନାୟକ ପୁରସ୍କାର ପ୍ରଦାନ କରିଥିଲେ।


ବିଜୟୀ କମିଶନରେଟ୍ ପୋଲିସ ଦଳ।


ମହମ୍ମଦ ଅଜିଜ ପୁରସ୍କାର ଗ୍ରହଣ କରୁଛନ୍ତି।

# ସହାୟତାକୁ ଚାହିଁ ଚାଲିଗଲା ଜୀବନ

- ଶୁଣିଲାନି ପ୍ରଶାସନ
- ପରିବାର ଏବେ ବେସାହାରା
- ପିଲାଙ୍କ ପଢ଼ାରେ ଡୋରି ବନ୍ଧା ହେଲା

**ଖୋର୍ଦ୍ଧା ଅଫିସ, ୧୩।୨**

କିଡ୍ନୀ ରୋଗରେ ଆକ୍ରାନ୍ତ ଜଣେ ବ୍ୟକ୍ତି ଆବଶ୍ୟକ ସମ୍ବଳ ଅଭାବରୁ ଚିକିତ୍ସା ପାଇଁ ସରକାରୀ ସହାୟତା ଉପରେ ଭରସା ରଖିଥିଲେ। ମାତ୍ର ପ୍ରଶାସନ ନିକଟରେ ବାରମ୍ବାର ଗୁହାରି ସତ୍ତ୍ୱେ ତାଙ୍କୁ ନିରାଶ ହେବାକୁ ପଡ଼ିଲା। ତେଣୁ ଘରେ ଥିବା ଗହଣା, ବିଭିନ୍ନ ସାମଗ୍ରୀ ବିକ୍ରିକରି ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ତେବେ ଅର୍ଥାଭାବ ଯୋଗୁ ଉପଯୁକ୍ତ ଚିକିତ୍ସା ନ ମିଳିବାରୁ ଶେଷରେ ତାଙ୍କ ଜୀବନ ଚାଲିଗଲା। ଏହାପରଠୁ ତାଙ୍କ ପରିବାର ବେସାହାରା ହୋଇପଡ଼ିଛି। ପିଲାଙ୍କ ପାଠପଢ଼ାରେ ଡୋରି ବନ୍ଧା ହେଲାଣି। ପିଲାମାନେ କିପରି ଚଳିବେ, କ'ଣ ଖାଇବେ, କେମିତି ମଣିଷ ହେବେ ସେଇ ଚିନ୍ତା କରି ସ୍ତ୍ରୀ ମାନସିକ ସ୍ତରରେ ଭାଙ୍ଗିପଡ଼ିଥିବାବେଳେ ତାଙ୍କ ବୃଦ୍ଧା ମା' କାନ୍ଦି କାନ୍ଦି ପୁଅକୁ ଖୁରୁଛନ୍ତି। ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଧୀନ ବଡ଼ବେରଣା ଗ୍ରାମର ଅଶୋକ ବେହେରାଙ୍କ ପରିବାରରେ ଏଭଳି କରୁଣ ଚିତ୍ର ଦେଖିବାକୁ ମିଳିଛି।

ମିଳିଥିବା ସୂଚନା ଅନୁଯାୟୀ, କିଡ୍ନୀ ରୋଗରେ ଆକ୍ରାନ୍ତ ଅଶୋକଙ୍କ ଦେହ ଗତ ୨ତାରିଖରେ ଖରାପ ହେବାରୁ ପରିବାରଲୋକ ଆମ୍ବୁଲାନ୍ସରେ ଖୋର୍ଦ୍ଧା ମେଡିକାଲକୁ ଆଣିଥିଲେ। ସେଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଭୁବନେଶ୍ୱର ଏମ୍ସ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ତେବେ ଚିକିତ୍ସା କରିବା ପରିବର୍ତ୍ତେ ଶଯ୍ୟା ଉପଲବ୍ଧ ନ ଥିବା କହି ଏମ୍ସ କର୍ତ୍ତୃପକ୍ଷ ଫେରାଇ ଦେଇଥିଲେ। ସେଠାରୁ ଶକ୍ଳୁନ୍ତଳା ପୁଣି ଅଶୋକଙ୍କୁ କ୍ୟାପିଟାଲ ହସ୍ପିଟାଲ, ପରେ କଟକ ମେଡିକାଲକୁ ନେଇଥିଲେ। ସକାଳ ୭ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଦୀର୍ଘ ୯ଘଣ୍ଟା ଧରି ଖୋର୍ଦ୍ଧା–ଭୁବନେଶ୍ୱର–କଟକ ମେଡିକାଲକୁ ଯିବା ପରେ ଶେଷରେ ଅଶୋକଙ୍କ ଚାଲିଗଲା ଜୀବନ। ଅନ୍ୟପଟେ ଏମ୍ସରେ ଅଶୋକଙ୍କ ଚିକିତ୍ସା କରାଇବା ଲାଗି ଭୁବନେଶ୍ୱର ଏମ୍ପିଙ୍କ ସ୍ଥାନୀୟ ପ୍ରତିନିଧି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ସୁବିଧା ମିଳିପାରିଲା ନାହିଁ। ବାରମ୍ବାର ଗୁହାରି ସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି ସହାୟତା ମିଳିଲା ନାହିଁ। ଗରିବ, ଅସହାୟ ରୋଗୀଙ୍କ ଲାଗି ଏମ୍ସରେ କୌଣସି ଚିକିତ୍ସା ସୁବିଧା ନାହିଁ ବୋଲି ଶକୁନ୍ତଳା କହିଛନ୍ତି। ଏ ସମ୍ପର୍କରେ ଏମ୍ପି ଅପରାଜିତା ଷଡ଼ଙ୍ଗୀ କହିଛନ୍ତି, ଏହି ଘଟଣା ସମ୍ପର୍କରେ ଏମ୍ସ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବି। କୌଣସି ଗରିବ ବ୍ୟକ୍ତି ଯେପରି ଚିକିତ୍ସାରୁ ବଞ୍ଚିତ ନ ହେବେ ସେଥିପ୍ରତି ଗୁରୁତ୍ୱ ଦିଆଯିବ। ଆସନ୍ତା ୧୭ ଓ ୧୮ ତାରିଖରେ ଖୋର୍ଦ୍ଧା ହସ୍ପିଟାଲ ସମେତ କ୍ୟାପିଟାଲ ଓ ଏମ୍ସ ମେଡିକାଲ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିବି ବୋଲି କହିଛନ୍ତି।



ଭାଲେଣ୍ଟାଇନ୍ସ ଡେ ଅବ୍ୟବହିତ ପୂର୍ବରୁ ଶନିବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

## ଚିଲିକାରେ ସେତୁ ନିର୍ମାଣ ଦାବି

**କୃଷ୍ଣପ୍ରସାଦ, ୧୩।୨ (ଡି.ଏନ୍.ଏ.)**

ସାତପଡ଼ା–ଜହ୍ନିକୁଦା ଚିଲିକା ଉପରେ ସେତୁ ନ ହୋଇ ଖୋର୍ଦ୍ଧା ଜିଲା ଟାଙ୍ଗୀ ରତନପୁର ଦେଇ ଦୀଘା ଯାଏ ରାସ୍ତା ନିର୍ମାଣ ଲାଗି ମଞ୍ଜୁର ହୋଇଛି। ଚିଲିକାରେ ବ୍ରିଜ ହେଲେ ପରିବେଶ ନଷ୍ଟ ହେବା ଆଳରେ ରାଜ୍ୟ ସରକାର ଏହାକୁ କାଟ୍ କରିଥିବା ଅଭିଯୋଗ ଉଠିଛି। ଏହାର ପ୍ରତିବାଦରେ 'ଆମ ପରିଚୟ' ଅନୁଷ୍ଠାନ ପକ୍ଷରୁ ଶନିବାର ଜନ ସଚେତନତା ସଭା ମାଲୁଦରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାନାମ୍ବର ବାରିକ ସଭାପତିତ୍ୱ କରିଥିଲେ। ଚିଲିକାରେ ବ୍ରିଜ୍ କରି ଭାରତମାଳା ରାସ୍ତା ନିର୍ମାଣ ହେଲେ ଲୋକଙ୍କ ଆର୍ଥିକ ଅବସ୍ଥା ସୁଧୁରିବ। ଏଥିସହ ସରକାର ରାଜସ୍ୱ ପାଇବେ। ସରକାର ଏହି ନିଷ୍ପତ୍ତିକୁ ପ୍ରତ୍ୟାହାର କରି ପୂର୍ବ ନିର୍ଦ୍ଧାରିତ ସାତପଡ଼ା–ଜହ୍ନିକୁଦା ଚିଲିକା ଦେଇ ଭାରତମାଳା ରାସ୍ତା କରିବା ଦାବି ହୋଇଛି। ଏନେଇ ସ୍ଥାନୀୟ ବାସିନ୍ଦାଙ୍କ ଏକ ଦସ୍ତଖତ ସମ୍ବଳିତ ପତ୍ର ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀଙ୍କୁ ପ୍ରଦାନ କରାଯିବ। ସରକାର ଏଥିରେ ଏକମତ ନ ହେଲେ ଆନ୍ଦୋଳନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ସଭାରେ ଅନ୍ୟମାନଙ୍କ ମଧ୍ୟରେ କେଳୁ ଚରଣ ଜେନା, ଶରତ ଚନ୍ଦ୍ର ରାଜଗୁରୁ, ପ୍ରବୀର ଚନ୍ଦ୍ର ଦାସ, ଜୟରାମ ଦାସ, ବ୍ରଜ କିଶୋର ଗୌଡ଼, କିଶୋର ଚନ୍ଦ୍ର ବିଶୋଇ, ଜଗବନ୍ଧୁ ସେନାପତି, ସସ୍ମିତା ଜେନାଙ୍କ ସମେତ ବହୁ ଶିକ୍ଷାବିତ୍ ଉପସ୍ଥିତ ଥିଲେ।

## ଷ୍ଟେଶନ ଉନ୍ନତୀକରଣ କାର୍ଯ୍ୟ ବନ୍ଦ

**ନିରାକାରପୁର, ୧୩।୨ (ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ନିରାକାରପୁର ଷ୍ଟେଶନର ଉନ୍ନତୀକରଣ ପାଇଁ ୨୦୧୯ରୁ ଆରମ୍ଭ ହୋଇଥିବା କାର୍ଯ୍ୟ ଦୁଇ ମାସ ହେବ ବନ୍ଦ ହୋଇ ପଡ଼ିରହିଛି। ଅଦ୍ୟାବଧି ଷ୍ଟେଶନ ପରିସରରେ ହେଉଥିବା କୌଣସି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ଅନେକ ସ୍ଥାନ ଖୋଳାଯାଇ ବିପଦସଙ୍କୁଳ ଅବସ୍ଥାରେ ରହିଛି। ତେବେ ଧାର୍ଯ୍ୟ ସମୟ ସୀମା ପୂର୍ବରୁ ସମ୍ପୂର୍ଣ୍ଣ ହେବ କି ନାହିଁ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ଲାଟଫର୍ମଗୁଡ଼ିକର ଉଚ୍ଚତା ବୃଦ୍ଧି ସହ ସମ୍ପୂର୍ଣ୍ଣ ଆଲୋକୀକରଣ, ସୁରକ୍ଷା ପାଚେରି, ପାନୀୟ ଜଳ ବିତରଣ ପ୍ରଣାଳୀ, ଅପେକ୍ଷାରତ ବିଶ୍ରାମ ଚୌକି, ମହିଳାଙ୍କ ପାଇଁ ପୃଥକ୍ ବିଶ୍ରାମାଗାର, ସଂରକ୍ଷିତ ଟିକେଟ ଗୃହ, କୋଚ୍ ଇଣ୍ଡିକେଶନ ବୋର୍ଡ, ରେଳ ସୁରକ୍ଷା ବାହିନୀର ସ୍ୱତନ୍ତ୍ର କାର୍ଯ୍ୟାଳୟ ଗୃହ, ପୂର୍ବପାର୍ଶ୍ୱ ପ୍ରବେଶ ପଥରେ ଆଲୋକୀକରଣ ବ୍ୟବସ୍ଥା କାର୍ଯ୍ୟ ହେବାକୁ ଥିବା ବେଳେ କାମ ବନ୍ଦ ରହିଛି। ଏନେଇ କେତେଜଣ ରେଲୱେ କର୍ମଚାରୀ ନାମ ଗୋପନ ରଖି କହିଛନ୍ତି, ଖରାପ କାର୍ଯ୍ୟ ହେଉଥିବା ନେଇ ଅଭିଯୋଗ ହୋଇଥିଲା। ଦୁର୍ନୀତି ନିବାରଣ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି କାର୍ଯ୍ୟ ତଦାରଖ କରିବା ପରେ କାମ ବନ୍ଦ ରହିଛି। ଅନ୍ୟପଟେ ଏନେଇ ଷ୍ଟେଶନ ପରିଚାଳକ ବିଭୁଦତ୍ତ ପଣ୍ଡା କହିଛନ୍ତି, ୨ମାସ ହେବ କାର୍ଯ୍ୟ ବନ୍ଦ ରହିଛି। ତେବେ କ'ଣ ଲାଗି କାର୍ଯ୍ୟ ବନ୍ଦ ରହିଛି, ସେ ଜାଣି ନ ଥିବା କହିଛନ୍ତି।


ନିରାକାରପୁର ଷ୍ଟେଶନର ଉନ୍ନତିକରଣ ପାଇଁ ଖୋଳା ଯାଇଥିବା ଖାଲ।

## ଦ୍ୱିତୀୟ ଦିନରେ ଚାଷୀଙ୍କ ଅନଶନ

**ବୋଲଗଡ଼, ୧୩।୨ (ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକ ଶ୍ରୀଚନ୍ଦନପୁର ପାଟଣା ସେବା ସମବାୟ ସମିତି ମଣ୍ଡିରେ ହଜାର ହଜାର ବସ୍ତା ଧାନ ପଡ଼ିରହିଛି। ଏହି ଧାନ ଉଠାଇବାକୁ ବିଭାଗୀୟ ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଧାନ ଉଠାଯାଇନାହିଁ। ଫଳରେ ମଣ୍ଡିରେ ଥିବା ଧାନ ଉଠାଇବା ଦାବିରେ ସମିତି ଆଗରେ ଚାଷୀଙ୍କ ଆମରଣ ଅନଶନ ଶନିବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ହେଲେ ଏ ପର୍ଯ୍ୟନ୍ତ ପ୍ରଶାସନ କିମ୍ବା ବିଭାଗୀୟ ଅଧିକାରୀ ଉକ୍ତ ମଣ୍ଡିକୁ ଆସୁ ନାହାନ୍ତି। ଫଳରେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ପ୍ରକାଶ ଯେ, ଏହି ମଣ୍ଡିରୁ ଧାନ ଉଠାଇବା ଦାବିରେ ଗତ ମଙ୍ଗଳବାର ଚାଷୀମାନେ ଧାନବସ୍ତା ରଖି ରାସ୍ତା ଅବରୋଧ କରିଥିଲେ। ଖୋର୍ଦ୍ଧା ସହକାରୀ ଯୋଗାଣ ଅଧିକାରୀ ବିଷ୍ଣୁ ଚରଣ ପରିଡ଼ା ଘଟଣାସ୍ଥଳରେ ପହଞ୍ଚି ମଣ୍ଡିରୁ ଧାନ ଉଠାଯିବା ନେଇ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଏହି ମଣ୍ଡିରୁ ଧାନ ନ ଉଠିବା ପର୍ଯ୍ୟନ୍ତ ଅନଶନ ଜାରି ରହିବ ବୋଲି ଚାଷୀମାନେ କହିଛନ୍ତି। ରବିବାର ଖୋର୍ଦ୍ଧା ଉପଜିଲାପାଳ ଉକ୍ତ ମଣ୍ଡିରେ ପହଞ୍ଚି ଅନଶନରେ ବସିଥିବା ଚାଷୀଙ୍କ ସହ ଆଲୋଚନା କରିବେ ବୋଲି ଜଣାପଡ଼ିଛି।

## ଫୁଟବଲ: ଫାଇନାଲରେ କଡ଼ବ କ୍ଲବ

**ନିରାକାରପୁର, ୧୩।୨ (ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଟାଙ୍ଗୋଳ ପଞ୍ଚାୟତସ୍ଥିତ ମା'ମଙ୍ଗଳା ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଫୁଟବଲ ଟୁର୍ନାମେଣ୍ଟରେ ଶନିବାର ପୋଡ଼ପଡ଼ା କ୍ଲବକୁ ହରାଇ କଡ଼ବ କ୍ଲବ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ଉଭୟ ଟିମ୍ ମଧ୍ୟରେ ମ୍ୟାଚ ସଂଘର୍ଷ ହୋଇଥଲେ ମଧ୍ୟ ଶେଷ ପର୍ଯ୍ୟନ୍ତ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଶେଷରେ ଟାଇବ୍ରେକରର ସହାୟତା ନିଆଯାଇଥିଲା। ପୋଡ଼ପଡାକୁ ୪–୧ ଗୋଲରେ ହରାଇ କଡ଼ବ କ୍ଲବ ବିଜୟୀ ହୋଇଥିଲା। ଶରତ ନାୟକ, ବିଶ୍ୱଜିତ୍ ସାହୁ, ଗୟା ନାୟକ ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ। ସାମାଜିକ କର୍ମୀ ଭୀମସେନ ପ୍ରଧାନ, ସନ୍ତୋଷ ପ୍ରଧାନ, ଟାଙ୍ଗୋଳ ହାଇସ୍କୁଲର ପ୍ରଧାନଶିକ୍ଷକ କୁଳମଣି ଜେନା ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

## ପିଲାଙ୍କ ଭବିଷ୍ୟତ ପାଇଁ ସମନ୍ୱୟ ଲୋଡ଼ା

**ଖୋର୍ଦ୍ଧା ଅଫିସ, ୧୩।୨**

ଜାନୁୟାରୀ ୮ରୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଠପଢ଼ା ଆରମ୍ଭ ହୋଇଛି। ଆସନ୍ତା ମେ' ମାସରେ ମାଟ୍ରିକ ପରୀକ୍ଷା ଅନୁଷ୍ଠିତ ହେବ। ମାଟ୍ରିକ ପରୀକ୍ଷା ପୂର୍ବରୁ ଶହେ ଦିନିଆ ପାଠକ୍ରମ ଚାଲିଛି। କମ୍ ସମୟ ମଧ୍ୟରେ ପରୀକ୍ଷା ଆୟୋଜନ ହେବାକୁ ଯାଉଛି। ପିଲାଙ୍କୁ ଉତ୍ସାହିତ ଏବଂ ମନୋବଳ ଦୃଢ଼ କରିବା ଉଦ୍ଦେଶ୍ୟରେ ଶନିବାର ବିଜେବି ହାଇସ୍କୁଲ ପରିସରରେ ଅଭିଭାବକ ଓ ଶିକ୍ଷୟିତ୍ରୀ ଶିକ୍ଷକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନଶିକ୍ଷକ ଏସ୍ ଗୋହର ଅଲ୍ଲୀ ସଭାପତିତ୍ୱ କରିଥିବା ବେଳେ ବରିଷ୍ଠ ଶିକ୍ଷକ ରଜନୀକାନ୍ତ ଦାସ ସ୍ୱାଗତ ଭାଷଣରେ ଅଭିଭାବକଙ୍କୁ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ।

ପ୍ରଧାନଶିକ୍ଷକ ଅଲ୍ଲୀ କହିଥିଲେ, କମ୍ ସମୟ ମଧ୍ୟରେ ଦଶମ ପିଲାଙ୍କ ବିଷୟ ଭିତ୍ତିକ ପାଠପଢ଼ା ସାରିବା ଏକ ଚାଲେଞ୍ଜ ରହିଛି। ଯେପରି ପିଲାଙ୍କ ଉପରେ କୌଣସି ବୋଝ ରହିବ ନାହିଁ, ପାଠପଢ଼ା ସମୟରେ କୌଣସି ପ୍ରଶ୍ନ ଉଙ୍କିମାରିଲେ, ତାହାର ସମାଧାନ ପ୍ରତି ଗୁରୁତ୍ୱ ଦିଆଯାଉଛି। ପିଲାଙ୍କ ମନୋବଳ ଦୃଢ଼ ଲାଗି ଉଭୟ ଶିକ୍ଷକ ଓ ଅଭିଭାବକଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବା ଆବଶ୍ୟକ। ଅଭିଭାବକମାନେ ଘରେ ପିଲାଙ୍କ ସହ ପାଠପଢ଼ା ସମ୍ପର୍କରେ ଆଲୋଚନା କରନ୍ତୁ। ପରୀକ୍ଷା ଲାଗି ସେମାନେ କିପରି ନିଜକୁ ପ୍ରସ୍ତୁତ କରୁଛନ୍ତି, ପଚାରି ବୁଝନ୍ତୁ। ସେମାନଙ୍କ ମନରେ କୌଣସି ବିଷୟରେ ଆଶଙ୍କା ରହିଥିଲେ ଶିକ୍ଷକଙ୍କୁ ଜଣାନ୍ତୁ। ଶିକ୍ଷକମାନେ ସେଥିପ୍ରତି ଗୁରୁତ୍ୱ ଦେବେ। ଅଭିଭାବକ ଏବଂ ଶିକ୍ଷକଙ୍କ ମିଳିତ ଉଦ୍ୟମରେ ପିଲାଙ୍କ ସଫଳତା ସରଳ ହେବ ବୋଲି କହିଛନ୍ତି। ଶିକ୍ଷକ ପ୍ରିୟରଞ୍ଜନ ପାଟଶାଣୀ ଦଶମ ପିଲାଙ୍କ ଲାଗି ପ୍ରସ୍ତୁତ କରାଯାଇଥିବା ପାଠ୍ୟଖସଡ଼ା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଶହେ ଦିନିଆ ପାଠ୍ୟକ୍ରମ ଲାଗି ରହିଥିବା ଗାଇଡ୍‌ଲାଇନ, ପିଲାଙ୍କୁ ପରୀକ୍ଷା ପାଇଁ ପ୍ରସ୍ତୁତି ବିଷୟରେ କହିଥିଲେ। ବରିଷ୍ଠ ଶିକ୍ଷକ ବିଭୁପ୍ରସାଦ ସେନାପତି ପରୀକ୍ଷା ଦର୍ପଣ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ପରୀକ୍ଷା ଲାଗି ପିଲାମାନେ କିପରି ନିଜକୁ ପ୍ରସ୍ତୁତ କରିବେ, ଏଥିରେ ସମସ୍ତ ବିଷୟ ଦିଆଯାଇଛି। ଏହାକୁ ଅନୁସରଣ କରିଲେ ପିଲାଙ୍କୁ ପରୀକ୍ଷା ଦେବା ସହଜ ହେବ। ଅଭିଭାବକମାନେ ଏଥିପ୍ରତି ଗୁରୁତ୍ୱ ଦେବା ଆବଶ୍ୟକ ବୋଲି କହିଛନ୍ତି। ଏହି ଅବସରରେ ଅଭିଭାବକମାନେ ସ୍କୁଲର ଉନ୍ନତି ଏବଂ ମାଟ୍ରିକ ପରୀକ୍ଷାରେ ପିଲାଙ୍କ ସଫଳତା ଲାଗି ସହଯୋଗ କାମନା କରିଥିଲେ। ଶିକ୍ଷକ ନବକୃଷ୍ଣ ମିଶ୍ର ଧନ୍ୟବାଦ ଦେଇଥିଲେ। ବୈଠକରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଅଭିଭାବକମାନେ ଉପସ୍ଥିତ ଥିଲେ।

**ଅଭିଭାବକ ଓ ଶିକ୍ଷକଙ୍କ ବୈଠକ**



## ସଂକ୍ଷେପରେ

### ଅଁଳାଇ ଦେବୀଙ୍କ ପ୍ରତିଷ୍ଠା ଉତ୍ସବ



**ଖୋର୍ଦ୍ଧା ଅଫିସ, ୧୩।୨:** ଖୋର୍ଦ୍ଧା ନିକଟ ଉଇଲିକିଶନ ନଗରଠାରେ ଥିବା ମା' ଅଁଳାଇ ଦେବୀଙ୍କ ଚାଲିଥିବା ଦ୍ୱିତୀୟ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଶତାଧିକ ଶ୍ରଦ୍ଧାଳୁ ଭକ୍ତ ଗ୍ରାମର ଝରିଆ ପୋଖରୀଠାରୁ କଳସ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରି ମନ୍ଦିର ଯଜ୍ଞ ମଣ୍ଡପରେ ପହଞ୍ଚିଥିଲେ। ପରେ ବିଶ୍ୱଶାନ୍ତି ନିମନ୍ତେ ଅଖଣ୍ଡ ଯଜ୍ଞ ଆରମ୍ଭ ହୋଇଥିଲା। ଏହି ଅବସରରେ ମନ୍ଦିର ପରିସରରେ ନୂତନ ପାର୍ଶ୍ୱ ଦେବତାଙ୍କୁ ପ୍ରତିଷ୍ଠା କରାଯାଇଥିଲା। ପୂର୍ଣ୍ଣାହୁତିରେ ଆଖପାଖ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇଥିଲେ।

### ୧୨୮ ଯକ୍ଷ୍ମାରୋଗୀ ଚିହ୍ନଟ

**ବେଗୁନିଆ, ୧୩।୨ (ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଞ୍ଚଳରେ ୨୦୨୦ବର୍ଷରେ ୧୨୮ଜଣ ଯକ୍ଷ୍ମାରୋଗୀ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚିହ୍ନଟ କରାଯାଇଛି। ପୂର୍ବ ୫ବର୍ଷ ଅପେକ୍ଷା ରୋଗୀ ସଂଖ୍ୟା ହ୍ରାସ ପାଇଛି। ୨୦୨୫ ସୁଦ୍ଧା ଏହି ରୋଗକୁ ଭାରତରୁ ହଟାଇବା ଲାଗି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚେଷ୍ଟା ଜାରି ରହିଛି। ଯକ୍ଷ୍ମାରୋଗ ନିରାକରଣ ପାଇଁ ସଚେତନତା ଆବଶ୍ୟକ। ଶୁକ୍ରବାର ବେଗୁନିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହ କକ୍ଷରେ ବୋତଲମା ସିଏଚ୍‌ସି ଭାରପ୍ରାପ୍ତ ଅଧିକାରୀ ଡା. ଦେବାଶିଷ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଯେଉଁମାନଙ୍କଠାରେ ଏହି ରୋଗର ଲକ୍ଷଣ ଦେଖାଯାଉଛି, ସେମାନେ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ପରୀକ୍ଷା କରାଇ ଔଷଧ ସେବନ କଲେ ଯକ୍ଷ୍ମା ରୋଗ ମୁକ୍ତ ଭାରତ ହୋଇପାରିବ ବୋଲି ଡା. ଆଚାର୍ଯ୍ୟ କହିଥିଲେ। ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବୋତଲମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରିଣୀ ପ୍ରଭାସିନୀ ପଣ୍ଡା, ଡା. ରାଜିକଶୋର ପଣ୍ଡା, ଦିଲୀପ ସାହୁ, ପଞ୍ଚାନନ ରାଉତରାୟ, ଉମାକାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀ କର୍ମଶାଳା

**ଝାଁଳା, ୧୩।୨ (ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଝାଁଳା କୃଷ୍ଣଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟରେ ରାଧାଚରଣପୁର କ୍ଲଷ୍ଟରସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି ଓ ପ୍ରଦର୍ଶନୀ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବିଇଓ ନିରୁପା ବେହେରା, ଏବିଇଓ ମନୋଜ ହରିଚନ୍ଦନ, ବିଆରସିସି ମଦନ ମୋହନ ଭୂୟାଁ, ଏବିଓ ବନିତା ନନ୍ଦ, ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ସେଠ୍‌ମାଝି ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷୟିତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ଶିକ୍ଷଣ ସାମଗ୍ରୀ ଆକର୍ଷଣୀୟ ହୋଇଛି ବୋଲି ବିଇଓ ବେହେରା ପ୍ରଶଂସା କରିଥିଲେ। ଏହି ଅବସରରେ ୫୦ଜଣ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସତ୍ୟବାନ ସାହୁ, ସୁରେଶ ଚନ୍ଦ୍ର ସାହୁ, ସ୍ୱାଗତିକା ଭୋଇ, ଶାଶ୍ୱତୀ ସାହୁ, ଲକ୍ଷ୍ମୀପ୍ରିୟା ନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପ୍ରତିମା ରାଉତରାୟ ଧନ୍ୟବାଦ ଦେଇଥିଲେ।

### ରାମେଶ୍ୱର ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

**ବାଲୁଗାଁ, ୧୩।୨ (ଡି.ଏନ୍.ଏ.):** ବାଲୁଗାଁ ନିକଟ ବଡ଼କୁଲ ଓ ନିମିକ୍ଷେତା ପଞ୍ଚାୟତ ଅଞ୍ଚଳର ଶ୍ରୀ ରାମେଶ୍ୱର ଦେବଙ୍କ ପୀଠରେ ତିନିଦିନ ଧରି ଚାଲିଥିବା ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ ଶୁକ୍ରବାର ପୂର୍ଣ୍ଣାହୁତି ହୋଇଛି। ବିଶ୍ୱର କଲ୍ୟାଣ ନିମନ୍ତେ ପ୍ରତିବର୍ଷ ପରି ଚଳିତ ବର୍ଷ କୁମ୍ଭ ସଂକ୍ରାନ୍ତି ଅବସରରେ ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ ଏହି ଶୈବପୀଠରେ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଆତସବାଜି ପ୍ରଦର୍ଶନ ସହ ଅଷ୍ଟଶମ୍ଭୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଶାନ୍ତିଶୃଙ୍ଖଳା ପାଇଁ ବାଲୁଗାଁ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ପ୍ରଫୁଲ୍ଲ ଜେନା, କୃଷ୍ଣଚନ୍ଦ୍ର ରାଉତରାୟ, ଭ୍ରମରବର ପାଇକରାୟ, ପ୍ରହ୍ଲାଦ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ସତ୍ୟନାରାୟଣ


@ ପ୍ରମୋଦ


@ ଅନିମି ଇନ୍ଦ୍ରାଣୀ


@ ଦିବ୍ୟଲୋଚନ


@ ମୋହନ


@ ଇନ୍ଦ୍ରଜିତ୍


@ ରାଜ


@ ପ୍ରସନ୍ନ

